Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:275✦1 February 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୫✦୧ ଫେବୃଆରୀ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆମେରିକା ଓ ଇରାନ ମଧ୍ୟରେ ବଡ଼ ଯୁଦ୍ଧ ଆଶଙ୍କା ନେଇ ଭୟରେ ଆରବ ଦେଶ :

ଟ୍ରମ୍ପ କହିଲେ ମୁଁ ଯୁଦ୍ଧ ଚାହୁଁନାହିଁ

ୱାଶିଂଟନ/ତେହେରାନ,୩୧/୧: ମଧ୍ୟପ୍ରାଚ୍ୟରେ ପୁଣି ଥରେ ଚ ବୃଦ୍ଧି ପାଇବାକୁ ଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଇରାନ ଉପରେ ସମ୍ଭାବ୍ୟ ସାମରିକ ଆକ୍ରମଣ ପାଇଁ ନିଜର ସାମରିକ ଉପସ୍ଥିତି ବୃଦ୍ଧି କରିବା ନେଇ ଚେତାବନୀ ଦେଇଛନ୍ତି । ଏନେଇ ଆରବ ଓ ମୁସଲିମ ଦେଶ ଚିନ୍ତିତ ହୋଇପଡ଼ିଛନ୍ତି । ସେମାନେ ଆମେରିକା ଓ ଇରାନ ଉଭୟଙ୍କୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରୁଛନ୍ତି । ସାଉଦି ଆରବ, ତୁର୍କୀ, ଓମାନ ଓ କତାର ଭଳି ଦେଶଗୁଡ଼ିକ ବର୍ତ୍ତମାନ ଆମେରିକାର ରାଜଧାନୀ ୱାଶିଂଟନ ତଥା ଇରାନର ରାଜଧାନୀ ତେହେରାନ ସହିତ ଯୋଗାଯୋଗରେ ଅଛନ୍ତି । ଏହି ଦେଶଗୁଡ଼ିକ ଅନୁମାନ କରୁଛନ୍ତି ଯେ, ଯଦି ଆମେରିକା ଅବା ଇରାନ ପରିସ୍ଥିତିକୁ ଆହୁରି ଖରାପ କରନ୍ତି, ତେବେ ଏହାର ପ୍ରଭାବ ସମଗ୍ର ମଧ୍ୟପ୍ରାଚ୍ୟ ଉପରେ ପଡ଼ିବ । ଏହା ରାଜନୈତିକ ଅସ୍ଥିରତା ବୃଦ୍ଧି କରିବା ସହିତ ତୈଳ ଓ ଗ୍ୟାସ ବଜାରକୁ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ କରିବ । ଫଳରେ ବିଶ୍ୱ ଅର୍ଥନୀତିରେ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି । ଆରବ ଦେଶଗୁଡ଼ିକ ଭୟ କରୁଛନ୍ତି ଯେ, ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ, ତେବେ ଇରାନ ପ୍ରତିଶୋଧ ନେଇପାରେ । ଇରାନ ସିଧାସଳଖ ଆମେରିକାର ସାମରିକ ଘାଟିଥିବା ଆରବ ଦେଶଗୁଡ଼ିକ ଉପରେ ଆକ୍ରମଣ କରି ସେସବୁ ଘାଟିକୁ ନଷ୍ଟ କରିବାକୁ ଉଦ୍ୟମ କରିବ ।ଫଳରେ ପରୋକ୍ଷ ଭାବେ ସେସବୁ ଆରବ ଦେଶ ନଚାହିଁ ମଧ୍ୟ ଯୁଦ୍ଧ ଜାଲରେ ପଡ଼ିଯିବେ ।ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରୀ ଖାଲିଦ ବିନ୍ ସଲମାନ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି ଯେ, ସେ ୱାଶିଂଟନରେ ଅନେକ ବରିଷ୍ଠ ଆମେରିକୀୟ ନେତାଙ୍କ ସହ ସାକ୍ଷାତ କରିଛନ୍ତି । ଏଥିରେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍, ଟ୍ରମ୍ପଙ୍କ ଆଟଂଟିକ ଦୂତ ଷ୍ଟିଭ୍ ୱିଟକଫ ଓ ଆମେରିକୀୟ ଶୀର୍ଷ ସାମରିକ ଅଧିକାରୀ ଜେନେରାଲ ଡାନ୍ କେନ୍ ସାମିଲ ଥିଲେ । ଏହି ବୈଠକଗୁଡ଼ିକରେ ଆଟଂଟିକ ଓ ବିଶ୍ୱ ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା । ଇତିମଧ୍ୟରେ ଟ୍ରମ୍ପ ଇରାନ ବିରୋଧରେ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ନିଜର କାରଣ ମଧ୍ୟ ବଦଳାଇଛନ୍ତି । ପୂର୍ବରୁ, ସେ କହିଥିଲେ ଯେ, ପ୍ରତିବାଦକାରୀଙ୍କ ଉପରେ କରୋଡ଼ କାର୍ଯ୍ୟାନୁଷ୍ଠାନ ଓ ଅତ୍ୟାଚାର ଯୋଗୁ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । କିନ୍ତୁ ଏବେ ସେ ଇରାନର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ବିଷୟରେ କହୁଛନ୍ତି । ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ଜୁନ୍ ମାସରେ ଆମେରିକା ଆକ୍ରମଣରେ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା । ଟ୍ରମ୍ପ କହିଛନ୍ତି,ଯେ ଯୁଦ୍ଧ ଚାହାନ୍ତି ନାହିଁ । ସେ ଇରାନ ସହିତ ଏକ ଚୁକ୍ତି ଚାହାନ୍ତି । ସେ କହିଛନ୍ତି, ଆଶା କରୁଛୁ, ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହେବ । କିନ୍ତୁ ଯଦି ନହେବ ତେବେ ପରବର୍ତ୍ତୀ ସମୟରେ କ'ଣ ହେବ ତାହା କହିବା କଷ୍ଟକର । ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଇରାନକୁ ଏକ ସମୟସୀମା ଦେଇଛନ୍ତି କି, ସେ ସ୍ପଷ୍ଟ ଉତ୍ତର ଦେଇ ନଥିଲେ । କହିଥିଲେ ଏହି ପ୍ରସଙ୍ଗ ସହ ଜଡ଼ିତ ବ୍ୟକ୍ତିମାନେ ଏ ସମ୍ପର୍କରେ ଜାଣିଛନ୍ତି । ଟ୍ରମ୍ପ ପ୍ରଶାସନର ଅଧିକାରୀ କହିଛନ୍ତି, ପରମାଣୁ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୂଆ ରଣନୀତିରେ ପରିବର୍ତ୍ତନର ସଙ୍କେତ ଦେଉନାହିଁ । ଇରାନ ସହିତ ଗୁରୁବାରୁ ଆଲିମୁଖ୍ୟର ଏହା ଏକ ଅଂଶ । ପ୍ରାରମ୍ଭରେ ଟ୍ରମ୍ପ ଜନସାଧାରଣଙ୍କୁ ଉଦ୍ଧାହିତ କରିବା ଓ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଇରାନରେ ବିରୋଧ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ମହିଳା ଚଳାଇବେ 'ଆମ ବସ୍'

ଇଲେକ୍ଟ୍ରିକ୍ ବସ୍ ଚାଳନା ତାଲିମ ପାଇଁ ପୁଣେ ଗଲେ ୨୦ ମହିଳା ଡ୍ରାଇଭର

ଭୁବନେଶ୍ୱର, ୩୧।୧(ଜି/ପ୍ର): ମହିଳା ରହିବେ ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲପର୍ । ଶନିବାର ଟ୍ରେନିଂ ପାଇଁ ପୁଣେ ଯିବେ ୨୦ ମହିଳା ଡ୍ରାଇଭର । ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗୀତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଜନ ପରିବହନ ବ୍ୟବସ୍ଥା-କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ୍) ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି । ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଥମ ପର୍ଯ୍ୟାୟରେ, ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁଭାରୀ ମୋଟର ଯାନ (ଏଲଟଠ) ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚୟନ କରାଯାଇଛି । ଏହି ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ଆଜି ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି । ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ସମ୍ବାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିବା ଏବଂ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ । ୨୬ ରୁ ୧୫ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏଲ୍ଫା ଗୋଡିଜିଟ୍' ପ୍ଲାଟଫରେ ଅନୁଷ୍ଠିତ ହେବ ।

ଧସିଲା କୋଲଟାନ୍ ଖଣି : ୨୦୦ରୁ ଅଧିକ ମୃତ



କିନ୍‌ସାସା,୩୧/୧: କଙ୍ଗୋର ପୂର୍ବ ଭାଗରେ ଥିବା ରୁବାୟା କୋଲଟାନ୍ ଖଣିରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି । ମୃତକଙ୍କ ମଧ୍ୟରେ ଶ୍ରମିକ ଓ ମହିଳା ମଧ୍ୟ ଅଛନ୍ତି । ପ୍ରବଳ ବର୍ଷା ଯୋଗୁ ଖଣିର ମାଟି ଧସିଯାଇଥିଲା । ଯାହା ଫଳରେ ସେଠାରେ କାମ କରୁଥିବା ଲୋକେ ମାଟି ତଳେ ପୋତି ହୋଇଯାଇଥିଲେ । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଲଗାତାର ବର୍ଷା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଉଦ୍ଧାର ସରଞ୍ଜାମର ଅଭାବ ଯୋଗୁ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ସାହାଯ୍ୟ ଓ ରିଲିଫ୍ ସାମଗ୍ରୀ ପହଞ୍ଚିବାରେ ବହୁତ ବିଳମ୍ବ ହେଉଛି । ଭୂମିଧ୍ୱଜନର ବିପଦ ଜାରି ରହିଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳରୁ ଦୂରେଇ ରହିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । ପ୍ରାରମ୍ଭିକ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୨୦୦ ରୁ ଅଧିକ ବୋଲି କୁହାଯାଇଥିଲା ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲାସ୍ତରୀୟ ଇକୋ ପ୍ରଦର୍ଶନୀ ଉଦ୍‌ଯାପିତ

କେନ୍ଦୁଝର,୩୧/୧(ନି/ପ୍ର):ସରକାରୀ ଉচ୍ଚ ବିଦ୍ୟାଳୟ,ରାଇସୁଆଁ ଠାରେ ପରିବେଶ ନିମନ୍ତେ ଧାରଣୀୟ ଜୀବନ ଶୈଳୀ ଉପରେ ଜିଲ୍ଲା ସ୍ତରୀୟ ଇକୋ ପ୍ରଦର୍ଶନୀ ଗୁରୁବାର ରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗ ଦେଇ ଇକୋ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାନ୍ତ,ବୁଦ୍ଧ ନାରାୟଣ ସାମଲ,ସବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ,ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ସବର ସହ ଗୋଷ୍ଠୀ ଅଧିକାରୀ ମାନସ ରଞ୍ଜନ ମିଶ୍ର,ସରକାରୀ ଉଚ୍ଚ ବିଦ୍ୟାଳୟ ରାଇସୁଆଁର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ସାହୁ ଯୋଗ ଦେଇଥିଲେ ।୧୩ ଟି ବ୍ଲକରୁ ମୋଟ ୫୨ଟି ଇକୋ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ଆଚଂଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ପତ୍ରପୁର ର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ,ଭଲିଦ ବିଜ୍ଞାନ ଅଧ୍ୟାପକ ସନତ କୁମାର ଦାସ,ପୂର୍ବତନ ଜିଲ୍ଲା ବିଜ୍ଞାନ ପରିବର୍ଦ୍ଧକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ।ଅପରାହ୍ନ ରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟ ବନ ସଂରକ୍ଷକ,କେନ୍ଦୁଝର ସୁବୋପ୍ତ କୁମାର ପଣ୍ଡା ଯୋଗ ଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସତ୍ୟନାରାୟଣ ମହାନ୍ତ, ବୁଦ୍ଧ ନାରାୟଣ ସାମଲ,ସବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ,ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ,ଝୁମ୍ପୁରା ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ସବର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର,ତରଣୀସେନ ମୁଣ୍ଡା,କପିଳ ଚନ୍ଦ୍ର ଦାସ ଯୋଗ ଦେଇଥିଲେ ।ଭଲ ପ୍ରଦର୍ଶନୀଗୁଡ଼ିକ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ,କେଶପୁରାପାଳ ର ସାର ନାରାୟଣ ମହାରଣା ପ୍ରଥମ ସ୍ଥାନ,ଏଲ୍. ଏନ୍. ସରକାରୀ ଉଚ୍ଚ ବିଦ୍ୟାଳୟ,ମହଦେବଯୋଡାର ସୁଶ୍ରୀ ଆଲିସା ଦାସ ଦ୍ୱିତୀୟ ସ୍ଥାନ ଏବଂ ଝାଲମରୀ ଉଚ୍ଚ ବିଦ୍ୟାଳୟ,ଡେଣ୍ଡୁଆଁ ର ପ୍ରଜ୍ଞାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଇକୋ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି ।ଏହି ପରିପ୍ରେକ୍ଷୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପୁରର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର ଜିଲ୍ଲା ସ୍ତରୀୟ ଇକୋ ପ୍ରଦର୍ଶନୀ କାର୍ଯ୍ୟକୁ ଜିଲ୍ଲା ସଂଯୋଜକ ଭାବେ ସମ୍ପାଦନ କରିବା ସହ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।ଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ,ରାଇସୁଆଁ ର ପ୍ରଧାନଶିକ୍ଷକ ନିର୍ମଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ରାଇସୁଆଁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଜିଲ୍ଲାର ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା

ଖୋର୍ଦ୍ଧା,୩୧/୧(ନି/ପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୁଣ୍ଡାପୁର ଆଂଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା ଗତ ବୁଧ ଦିନ ଧରି ଆୟୋଜିତ ହୋଇଥିଲା । ଏଭଳି ଜସଯୋଗୀ କର୍ମଶାଳାକୁ ଆଂଚଳିକ ସାଧନୀ କେନ୍ଦ୍ରର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ୱାବଧାନରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା । ମୁଣ୍ଡାପୁର ଆଂଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ୮ଟି ବିଦ୍ୟାଳୟ ର ୩୦ ଜଣ ବରିଷ୍ଠ ତଥା ବକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉକ୍ତ କର୍ମଶାଳା ରେ ଯୋଗ ଦେଇ ଅଭିନବ ଉପାୟରେ ସ୍ୱଳ୍ପ ମୂଲ୍ୟ ଓ ଅପଚୟ ହେଉଥିବା ବସ୍ତୁରୁ ବିଷୟ ସଂପର୍କିତ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରସ୍ତୁତ କରିଥିଲେ । ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ରାଉତ ଉକ୍ତ କର୍ମଶାଳାକୁ ପ୍ରସ୍ତୁତ କରିବା ସମୟରେ ପରିବର୍ଣ୍ଣନ ,ସହାୟତା କରିବା ସହ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ ଅନିତା ମହାପାତ୍ର,ନୃସିଂହମଣି ବେହେରା, ସୂର୍ଯ୍ୟକାନ୍ତୀ ଦାସ, ଆଲିସା ପିର୍ଚୌର,ରଶ୍ମି ମିଶ୍ର ,ଅଞ୍ଜଳି ବେହେରା,ରାଜେଶ୍ୱରି ସାହୁ,ବିଜୟ କୁମାର ସାହୁ,ସନ୍ଧ୍ୟାରାଣୀ ସାହୁ, ବିଭୂଜ୍ୟୋତି ପଟ୍ଟନାୟକ,ବିବାନନ୍ଦ କଟୁଁଚ,ନିରୁପମା ରାଉତରାୟ,ସୁନୀତା ମହାରଣା,ପ୍ରଣତି ବରାଳ, କବିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ହାତଢ଼ିହିରେ ନିଖିଳ ଉଚ୍ଚଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

୨ ଏକର ପରିମିତ ଜମିରେ ଅଫିମ ଚାଷକୁ ମୂଳୋତ୍ପାଟନ କରିଛି କେନ୍ଦୁଝର ଜିଲା ପୋଲିସ

କେନ୍ଦୁଝର,୩୧/୧(ନି/ପ୍ର): ଅଫିମ ଚାଷ ନଷ୍ଟ କଲା ପୋଲିସ । କେନ୍ଦୁଝର ଜିଲାର ବଡବିଲ ଥାନା ତଥା ଯୋଡା ବ୍ଲକ ଅନ୍ତର୍ଗତ ରୋଇଡା ଗ୍ରାମ ପଂଚାୟତର ମାଙ୍କଡ ହାଟିଂ ସୁନାନଦୀ ଅବବାହିକାରେ ଥିବା ଏକ ପରିତ୍ୟକ୍ତ ଦୁର୍ଗମ ବନାଂଚଳରେ ପ୍ରାୟ ୨ ଏକର ପରିମିତ ଜମିରେ ଅଫିମ ଚାଷକୁ ମୂଳୋତ୍ପାଟନ କରିଛି କେନ୍ଦୁଝର ଜିଲା ପୋଲିସ । ଅପହଂତ ହୋଇଥିବା ଏହି ଅଣ୍ଟାଅଣ୍ଟା ବନସ୍ଥରେ ନିଶା ପେଦାରୀ ମାଙ୍କର ଚାଲିଥିଲା କଳା ସାମ୍ରାଜ୍ୟ । ଏହି ଚାଷ ସମ୍ପର୍କରେ ଗୁପ୍ତ ସୂଚନା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ପାଇବା ପରେ ବଡବିଲ ପୋଲିସର ଅପରେସନ ଆରମ୍ଭ ହୋଇଥିଲା । ଗୁରୁବାର ପୋଲିସ ଦ୍ୱାରା ଗଠନ ହୋଇଥିବା ଟିମ୍ ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍କୁଆଙ୍କ ନେତୃତ୍ୱରେ ଏହି ଚଢାଉ କରିଥିଲା । ଏଥିରେ ବଡବିଲ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟେଟ ଡ୍ୟୁଟିରେ ଏହି ଚଢାଉରେ ସାମିଲ ଥିଲେ । ପ୍ରାୟ ୨ ଏକର ପରିମିତ ଜମିରେ ଅଫିମ ଗଛର ଫୁଲ ଏବଂ ସମ୍ପୂର୍ଣ୍ଣ ଗଛକୁ ପୋଲିସ ଫୋର୍ସ ବଡବିଲ ଆଇଆଇସି ଅଶୋକ କୁମାର ନାୟକଙ୍କ ନିର୍ଦ୍ଦେଶରେ ମୂଳତତ୍ପାଟନ କରି ନଷ୍ଟ କରି ଦେଇଥିଲେ । ଏହି ଗଛରୁ ପ୍ରସ୍ତୁତ ଅଫିମର ମୂଲ୍ୟ କୋଟି କୋଟି ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ପକ୍ଷରୁ ଅନୁମାନ କରାଯାଇଛି । ବେଳ ଥାଉ ଥାଉ ଗଛ ପୂର୍ଣ୍ଣବିକଶିତ ହେବା ପୂର୍ବରୁ ପୋଲିସ ଏହାକୁ ନଷ୍ଟ କରି ଦେଇଥିଲା । ତେବେ ଜିଲାରେ ପ୍ରଥମଥର ପାଇଁ ଅଫିମ ନିଶା ଗଛ ଜିଲା ପୋଲିସ ଠାବ କରିଛି ଏବଂ ପ୍ରାରମ୍ଭିକ ସୂଚନା ଅନୁଯାୟୀ ଜଣାପଡିଛି ।

ଖାଉଟି ସଚେତନତା ଶିବିର

କେନ୍ଦୁଝର,୩୧/୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଂଶପାଳବ୍ଲକର ଶ୍ରୀପାଳାଟି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଜିଲ୍ଲା ବେଧିଂ ଓଜନ ମାପ ବିଜ୍ଞାନ ନିୟନ୍ତ୍ରକ ବିଭାଗର ଆର୍ଥିକ ସହାୟତା ଓ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚବାସା ସହଯୋଗରେ ଏକ ଦିନିଆ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥି ମାନେ ମାଡାଣିଶାଙ୍କ ଫଟ ଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରିଥିଲେ । ସଙ୍ଗୀତ ଶିକ୍ଷୟିତ୍ରୀ ସୁନିତା ପଟ୍ଟନାୟକଙ୍କ ତତ୍ୱାବଧାନରେ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସାମ୍ବାଦିକ ସତ୍ୟଜିତ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ସାମଲ ଅଧ୍ୟକ୍ଷତା କରିଥିବାବେଳେ ବିଲାସର ବରିଷ୍ଠ ଲୋଷାଧକ୍ଷ ସୋମନାଥ ମଲିକ ହୀଳର ପ୍ରଶାନ୍ତ କୁମାର ବେହେରା ତତ୍ୱାବଧାର ସମ୍ପାଦକ ଅକ୍ଷୟ କୁମାର ଚନ୍ଦ୍ର ମାଷ୍ଟର ଟ୍ରେନର ପୂର୍ଣ୍ଣରାମ ଜେନା ଶିକ୍ଷକ ରଘୁନାଥ ସାହୁ ଅଚିନ୍ତ୍ୟ କୁମାର ସାହୁ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଶିବିରର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ । ମଂଚାସୀନ ଅତିଥି ମାନେ ଗ୍ୟାସର ଉପଯୋଗୀତା ବିଜିନ ସାମଗ୍ରୀ ଯଥା ପେଟ୍ରୋଲ ଡିଜେଲ ଖିଷଧ ରାସନ ପନିପରିବା ମାଛ ମାଂସ କିଣା ବିକାବେଳେ କ୍ରେତା ତଥା ଖାଉଟିମାନେ କିଭଳି ଠକାମୀର ଶିକାର ନହୋଇ କିଭଳି ଉଚିତ ମୂଲ୍ୟରେ ଭୁୟକରିପାରିବେ ସେ ବିଷୟରେ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ସଚେତନ କରାଇଥିଲେ । ଏଥିମଧ୍ୟରେ ବଟବରୀ ଗ୍ୟାସସିଲିଣ୍ଡର ବିଭିନ୍ନ ଖାଦ୍ୟସାମଗ୍ରୀର ଶେଷତାରିଖ ସବୁ ଯାଂଚ କରିବାର କୌଶଳ ଅତିଥି ମାନେ ଜଣାଇଥିଲେ । ପରେ ପରେ ଛାତ୍ରୀମାନେ ବିଭିନ୍ନ ସନ୍ଦେହାତମକ ପ୍ରଶ୍ନ ପଚାରି ତାର ସନ୍ତୋଷଜନକ ଉତର ଅତିଥିମାନଙ୍କ ଠାରୁ ପାଇପାରିଥିଲେ । ଶେଷରେ ଶିକ୍ଷୟିତ୍ରୀ ସୁସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ବହୁ ଚର୍ଚ୍ଚିତ ମଲ୍ଲୀ ଜେନା ହତ୍ୟାକାଣ୍ଡ : ୮ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଘଟଗାଁ, ୩୧/୧(ନି/ପ୍ର): କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ଶାଳବେଡ଼ ପଂଚାୟତର ଶାଳବେଡ଼ ଗ୍ରାମ ବାଲି ଚୋରାଚାଲାଣକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ ଘଟଣାରେ ୫୮ ବର୍ଷର ମଜିଦା ମଲ୍ଲୀ ସେନାକୁ ଘରଭିତରୁ ଘୋଷାରି ଆଣି ରାସ୍ତା ଉପରେ ପକାଇ ତତ୍କାଳୀନ ବାହୁବଳୀ ଶାସକଗୋଷ୍ଠୀର ନେତାମାନେ ନିର୍ଦ୍ଦୟଭାବେ ହତ୍ୟା ଘଟଣାରେ ବିଚାରଜରି ଗୁରୁବାର ବିନ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ବେବଦତ ବାସ ମହାପାତ୍ର ୮ଜଣ ଦୋଷୀଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ସହିତ ଦଶ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦେଶର ରାୟ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ତିନି ମାସର କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ପ୍ରକାଶ କରିଛନ୍ତି । ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ୪୩ ଗୋଟି ଦସ୍ତାବିଜ ଆଧାରରେ ଏହି ରାୟ ପ୍ରକାଶ ପାଇଥିବା ସରକାରୀ ଅଧିବକ୍ତା ସୌମିତ୍ରୀ କୁମାର ରାଉତ ସୂଚନା ପ୍ରଦାନ କରିଛନ୍ତି । ଗତଶାବୁ ଜଣାଯାଏ, ଗତ ୨୨-୩-୨୦୨୩ ତାରିଖ ସନ୍ଧ୍ୟା ସମୟରେ ପ୍ରାୟ ୧୦୦ରୁ ୧୨୦ ଲୋକ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିବାକୁ ଆସିଥିଲେ । ବର୍ତମାନର ଘଷିପୁରା ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ତଥା ବଡପଦକା ଗ୍ରାମର ଜାଳନ୍ଦା ସାହୁଙ୍କ ପୁତ୍ର ମଦନମୋହନ ସାହୁ ଓରଫ ବାବନ (୪୯)କେ ନେତୃତ୍ୱରେ ଶାଳବେଡ଼ ଗ୍ରାମର ଭାଗୀରଥି ବୋଇତେଇଙ୍କ ପୁତ୍ର ହରେନ୍ଦ୍ରଷ୍ଟ ବୋଇତେଇ (୪୨), ତରୁଆଁ ଗ୍ରାମର ଅଭିମନ୍ୟୁ ରାଉତଙ୍କ ପୁତ୍ର ଅମରେଶ ରାଉତ(ସିପୁ- ୩୦ବର୍ଷ),ବଡପଦନା ଗ୍ରାମର ଜାଳନ୍ଦା ସାହୁଙ୍କ ପୁତ୍ର ସନ୍ତୋଷ ସାହୁ(୪୦), ଗୋବିନ୍ଦ ପଲେଇଙ୍କ ପୁତ୍ର ଭାଗୀରଥି ପଲେଇ(୩୫), ହୃଷିକେଶ ରାଉତଙ୍କ ପୁତ୍ର ଅଞ୍ଜନ ରାଉତ (ଡିଲୁ- ୨୭ ବର୍ଷ)ତରୁଆଁ ଗ୍ରାମର ଘୋଟାନାଥ ବେହେରାଙ୍କ ପୁତ୍ର ବଳରାମ ବେହେରା ଓରଫ ବଜିଆ(୫୨), ନାରାୟଣ ବେହେରାଙ୍କ ପୁତ୍ର ମାନସ ରଞ୍ଜନ ବେହେରା ଓରଫ ସିପୁନ(୨୫) ପ୍ରମୁଖ ନିକିମିଣି ଆକ୍ରମଣ କରିଥିଲେ । ମଲୀ ଯେନା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବଟକ ସ୍ଥାନାନ୍ତରିତ ହୋଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ରାମଚନ୍ଦ୍ର ପୁର ପୋଲିସ ଥାନା କେସ୍ ନମ୍ବର ୭୨/ ୨୩ରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୪୭, ୧୪୮, ୨୯୪, ୩୨୩, ୩୨୬, ୩୫୪, ୩୫୪(ବି), ୪୨୭, ୫୦୬, ୩୦୨,୧୪୯ ଧାରାରେ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାଦୁଷ୍ଠାନ ଗ୍ରହଣ କରିଥିଲେ । ଆନନ୍ଦପୁର ଅତିରିକ୍ତ ଦୌରାଜଜ ଏସ୍ ଟିକେସ୍‌ନମ୍ବର ୭୬/ ୨୩ରେ ବିଚାର କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୩୦୪(ବି)ରେ ୧୦ବର୍ଷର ଜାରାଦେଶ ସହିତ ୧୦ ହଜାର ଜୋରିମାନା ଓ ଜୋରିମାନା ଅନାଦେୟ ୩ ମାସ, ୩୨୬ ଧାରାରେ ୫ ବର୍ଷ ଜାରାଦେଶ ସହିତ ୫ ହଜାର ଜୋରିମାନା ଓ ଅନାଦେୟ ୧ ମାସ ଜାରାଦେଶ, ୧୪୭ ଓ ୩୨୩ ଧାରାରେ ୧ ବର୍ଷ ଲେଖାଏଁ କାରାଦେଶ ପ୍ରଦାନ କରିଛନ୍ତି ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ପିକଅପ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ମହୀଧରପୁର,୩୧/୧(ନି/ପ୍ର): ଅନୁଗୋଳ ଜିଲ୍ଲା ବଣ୍ଟିପାଳ ଥାନା ଅନ୍ତର୍ଗତ ୧୪୯ ନମ୍ବର ଜାତୀୟ ରାଜପଥ ଗୋଡମରା ଓଭର ବ୍ରିଜ ଉପରେ ଏକ ପିକଅପ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଡମରା ଗ୍ରାମର ଶକ୍ତି ସୌରଭ ମହାନ୍ତି । ସୂଚନା ମୁତାବକ, ୧୪୯ ନମ୍ବର ଜାତୀୟ ରାଜପଥ ଗୋଡମରା ଓଭର ବ୍ରିଜି ଆହୁ ଟାଟା ଷ୍ଟିଲ ପ୍ଲାଂଟହୁଡିଜିଟିକରିବା ପାଇଁ ଏକ ବାଇକ ଯୋଗେ ଯାଉଥିବା ବେଳେ ବଣ୍ଟିପାଳ ଆହୁ ଆସୁଥିବା ଏକ ଲାଟ ବୋଝେଇ ପିକଅପ ଗାଡ଼ି (ଓଡି-୦୮-ୟୁ-୯୮୭୯) ତୁଚ ଗତିରେ ଆସି ବାଇକକୁ ମୁହାଁମୁହିଁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସେ ଛିଟିକି ରାସ୍ତାର ଅବସ୍ଥାରେ ପଡ଼ିଥିଲେ । ତାଙ୍କୁ ସେହି ଗ୍ରାମର ଯୁବକମାନେ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ । ସେଠାରେ ଶକ୍ତି ସୌରଭଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

୩ଷ୍ଟତମ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ଶିବିର ଉଦ୍‌ଘାଟିତ

କେନ୍ଦୁଝର,୩୧/୧(ନି/ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇସୁଆଁ ଠାରେ ୩ଷ୍ଟତମ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ୍ ଶିବିର ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଯୋଗ ଦେଇ ଜୁନିଅର ରେଡକ୍ରସ ମାନେ ଭବିଷ୍ୟତର ରତ୍ନ ଦାତା ସାଜି ସମାଜର କଲ୍ୟାଣମୂଳକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟ ବନ ସଂରକ୍ଷକ,କେନ୍ଦୁଝର ସୁବୋପ୍ତ କୁମାର ପଣ୍ଡା ଯୋଗ ଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ରୁଦ୍ର ନାରାୟଣ ସାମଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ସବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ,ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ,ସବର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର ,କପିଳ ଚନ୍ଦ୍ର ଦାସ ଯୋଗ ଦେଇ ଜୁନିଅର ରେଡକ୍ରସମାନଙ୍କୁ ଉତ୍ସାହିତ କରିଥିଲେ ।ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୫୦ ଜଣ ଜୁନିଅର ରେଡକ୍ରସ ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି ।ଜୁନିଅର ରେଡକ୍ରସ ଅଫିସର୍ ପ୍ରଶାନ୍ତ କୁମାର ପରିଡ଼ା ବିଭିନ୍ନ ପ୍ର

ବିବିଧା

ତଲବିନ୍ଦରଙ୍କ ସହ ରିଲେସନ୍ କନଫର୍ମ କଲେ ଦିଶା

ଅଭିନେତ୍ରୀ ଦିଶା ପଟାନି ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂହଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ଦିନ ଧରି କଳ୍ପନାଜଳ୍ପନା ଚାଲିଥିଲା । ଚଳଚ୍ଚିତ୍ରର ଏବଂ ଦିଶା ଶେଷରେ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ କରିଛନ୍ତି । ଅନେକ ଦିନ ଧରି ଦେଢ଼ିଂ ଖୁବକ ପରେ, ଦୁଇଜଣ ଲୋକାପାଲୁଲା ଜାଣିଆ ବାର୍ତ୍ତାଳାପରେ ସେମାନଙ୍କ ସମ୍ପର୍କକୁ ନିଶ୍ଚିତ କରିଛନ୍ତି । ସୋସିଆଲ ମିଡିଆରେ ଦୁଇଁକର ଏକ ଭିଡିଓ ଖୁବ୍ ଭାଇରାଲ ହୋଇଛି, ଯେଉଁଥିରେ ସେମାନେ ଏକାଠି ନଦର ଆସିଛନ୍ତି ଭାଇରାଲ୍ ଭିଡିଓରେ, ଦିଶା ଏବଂ ତଲବିନ୍ଦର ହାତ ଧରି ବାଲୁଥିବା ଦେଖାଯାଇଛନ୍ତି, ଏବଂ ସେମାନେ ଖୋଲାଖୋଲି ଭାବରେ ନିଜ ସାମ୍ନାରେ ଏକାଠି ଚାଲି ନିଜର ସମ୍ପର୍କକୁ ଦେଖାଇଛନ୍ତି । ଏହି ମୁହୂର୍ତ୍ତର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି ଏବଂ ଫ୍ୟାନ୍ସ ଏହାକୁ 'ଭଦଲ୍ ଭାବରେ ସେମାନଙ୍କର ଆନୁଷ୍ଠାନିକ ଦେଖା' ବୋଲି କହୁଛନ୍ତି । ତେବେ ଚଳିତ ମାସର ଆରମ୍ଭରେ ସେମାନଙ୍କ ସମ୍ପର୍କର ଗୁଞ୍ଜନ ଆରମ୍ଭ ହୋଇଥିଲା ଯେତେବେଳେ ସେମାନଙ୍କୁ ଜୟପୁରରେ ଦୁପୁର ଖାଜନ ଏବଂ ଖେଳିବା ବେଳେ ଦେଖାଯାଇଥିଲା। ସେମାନେ ଫଟୋ ଉଠାଇବାକୁ ଏଡାଉଥିଲେ । ଏହାପରେ ବିମାନବନ୍ଦରରେ ତଲବିନ୍ଦରଙ୍କୁ ମୌନି ରୟଙ୍କ ସହ ବାଣ୍ଡିବାର ଦେଖାଯାଇଥିଲା, ଯେତେବେଳେ ଦିଶା ମୌନିଙ୍କ ସ୍ୱାମୀଙ୍କ ସହିତ ଥିଲେ, ଯାହାଦ୍ୱାରାରେ ସେମାନେ ଅଧିକ ଧ୍ୟାନ ଆକର୍ଷଣ କରିପାରିନେବାର୍ଥି । ଏଥିସହ, ରୋଲାଯାତ୍ରାରେ ଲଣ୍ଡିପାରେ ସେମାନଙ୍କ ଉପସ୍ଥିତି ସମ୍ଭବେ ପାଇଁ କୌଣସି ସ୍ଥାନ ଛାଡି ନଥିଲା। ଭଦେଷ୍ଟ ପରେ ସେମାନଙ୍କୁ ଗୋଟିଏ ଜାଗରେ ଜାଲଥିବାର ମଧ୍ୟ ଦେଖାଯାଇଥିଲା, ଏବଂ ସେମାନେ କ୍ୟାମେରାଠାରୁ ଦୂରେଇ ରହିବାକୁ ଚେଷ୍ଟାରେ ପ୍ରୟାସ କରିଛନ୍ତିଲେ। ଯାହା ଦୃଢ଼ଭାବେ ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ ଦର୍ଶାଉଥିବା କୁହାଯାଇଛି ।

ରୂପା ବାସନକୁ କିପରି କରିବେ ଚିକ୍‌ଚିକ୍ ?

ପ୍ରତ୍ୟେକ ଭାରତୀୟଙ୍କ ଘରେ ରୂପା ଜିନିଷକୁ ଅତିଶୟ ଏବଂ ଶୁଭକାର୍ଯ୍ୟ ପ୍ରତୀକ ହୋଇଛି ମାନାଯାଏ । ପୂଜାଠାରୁ ଆରମ୍ଭ କରି ଶାଦୀ ଯେଉଁଠାରେ ଯେଉଁଠି ଯାଇଁ ଏମାନେ ବ୍ୟବହାର ଅଧିକ ମାତ୍ରାରେ ହୋଇଥାଏ । ଦିନକୁ ଦିନ ପରିବର୍ତ୍ତନ ହେବା ସହିତ ଏହାର ଚମକ ମଧ୍ୟ କମିବାରେ ଲାଗୁଛି । ପୁନଶ୍ଚରେ ରୂପା ଜିନିଷ ବାହାର ପ୍ରକଳ ଜାଳିବା ହ୍ୱାଇ ଜଳା ପରିଷ୍କାରଥାଏ। ରୂପା ସଫା କରିବା ପାଇଁ ସହଜଠାରୁ ପ୍ରଯୋଜ୍ୟ ଉପାୟ ଜାଣନ୍ତୁ...

□ଗୋଟିଏ ବଡ଼ ରୂପା ପାତ୍ରରେ ଆଲୁମିନିୟମ୍ ଫଏଲ ପକାଇ ଗରମ ରୂପା ଜିନିଷକୁ ସେଥିରେ ରଖି ଦେଢ଼ିଂ ସୋଡା ଉପରେ ଗରମ ପାଣି ଢାଳି ଦିଅନ୍ତୁ । କିଛି ସମୟ ମଧ୍ୟରେ କଳା ଆବରଣଗୁଡ଼ିକ ଧୀରେ ଧୀରେ ସେଥିରୁ ଛାଡିହୋ ଆଲଗ ହୋଇବ ।

□ ଲେମୁ ଏବଂ ଲୁଣ ପଦ୍ଧତି ମଧ୍ୟ ଏକ ଫୁରୁଣା ଏବଂ ନିର୍ଭରଯୋଗ୍ୟ ଉପାୟ । ଲେମୁକୁ ଲୁଣରେ ବୁଡ଼ାଇ ରୂପା ଉପରେ ଧୀରେ ଧୀରେ ଘଷନ୍ତୁ । ବଡ଼ ରୂପା ଜିନିଷ ହୋଇଥିଲେ ଲେମୁ ରସ ଏବଂ ଲୁଣରେ କିଛି ମିନିଟ୍ ପାଇଁ ବୁଡ଼ାଇ ରଖନ୍ତୁ । ଯାହା ରୂପା ଜିନିଷକୁ କଳା ଆବରଣ ଦୂର କରିବା ପାଇଁ ପ୍ରଭାବଶାଳୀ ହୋଇଥାଏ ।

□ଶାନ୍ତ ରୂପା ଜିନିଷକୁ ସଫା କରିବାକୁ ଚାହୁଁଥିଲେ ଗୁଡ଼ସେଷ୍ଟର ସାହାଯ୍ୟ ନେଇପାରିବେ । ଗୋଟିଏ ଗରମ କପଡ଼ାରେ ଅଳ୍ପ ଗୁଡ଼ସେଷ୍ଟ ଘଷନ୍ତୁ ଏବଂ ପରେ ପାଣିରେ ଧୋଇ ଦିଅନ୍ତୁ । ଯାହା ସହଜରେ କଳା ଆବରଣକୁ ଦୂର କରିବ ।

□ ଅଧିକ ମଳିନ ଦିଶୁଥିଲେ ସେଥିରେ ଲିମ୍ବୋରାସ ଏବଂ ବେକିଂ ସୋଡା ବ୍ୟବହାର କରିପାରିବେ । ଲଣ୍ଡ୍ରୀ ପାଣିରେ ଲିମ୍ବୋରାସ ଏବଂ ବେକିଂ ସୋଡ଼ା ମିଶାଇ ଏବଂ ରୂପାକୁ ବିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଏହାର ପେଷ ଜମା ହୋଇଥିବା କଳା ଆବରଣକୁ ସଫା କରିଦେବ ।

□ ଏହା ବ୍ୟତୀତ ରୂପା ଜିନିଷକୁ ସଫା କରିବା ପରେ ସିଧାସଳଖ ଭାବେ ଓଦା ଛାଡି ଦିଅନ୍ତୁ ନାହିଁ । ଏଗୁଡ଼ିକୁ ଶୁଖିଲା ସ୍ଥାନରେ ରଖନ୍ତୁ । ଏକ ନରମ କପଡ଼ାରେ ବୁଡ଼ାଇ ଚିକିକା ଛେଚି ଶୁଖା ପାତ୍ରରେ ରଖନ୍ତୁ । ରପସ୍ପୁଷ୍ଟ ଭାବେ ରୂପାର ଯତ୍ନ ନିଆଗଲେ ବର୍ଷ ସମୟ ପର୍ଯ୍ୟନ୍ତ ଚମକି ରହିବ ।

ଅନ୍ତର୍ଜାତୀୟ ଜେବ୍ରା ଦିବସ

ପ୍ରତିବର୍ଷ ଜାନୁଆରୀ ୩୧ ରେ ଅନ୍ତର୍ଜାତୀୟ ଜେବ୍ରା ଦିବସ ପାଳନ କରାଯାଏ । ଏହି ବିଶେଷ ଦିନ ଜେବ୍ରା ଏବଂ ଜଙ୍ଗଲପାଣ୍ଡୀରେ ସମ୍ପୃକ୍ତ ହେଉଥିବା ବିପଦ ଦିଗରେ ସଚେତନତା ପାଇଁ ଉତ୍ସର୍ଗୀକୃତ । ଏହି ସୁନ୍ଦର ପ୍ରାଣୀମାନଙ୍କ ବିଷୟରେ ଜାଣିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଆମେ କିପରି ସେମାନଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରିବା ଏହା ମଧ୍ୟ ଏକ ସୀମା ଅଟେ। ଜେବ୍ରାମାନେ ସେମାନଙ୍କର ଚକା ଏବଂ ଧଳା ଲାଙ୍ଗର ଜାଲରେ ପୃଥିବୀର ଅନ୍ୟତମ ସ୍ୱାକୃତିପ୍ରାପ୍ତ ପ୍ରାଣୀ । ମଣିଷର ଆଙ୍ଗୁଠି ଛାପ ପରି ପ୍ରତ୍ୟେକ ଜେବ୍ରାର ଏକ ସ୍ୱତନ୍ତ୍ର ଢଙ୍ଗ ଅଛି । ସେମାନେ ଯୋଡା ପରିବାରର ଅଟନ୍ତି ଏବଂ ସେମାନଙ୍କର ଗତି, ଶକ୍ତି ଏବଂ ସାମାଜିକ ପ୍ରକୃତି ପାଇଁ ଜଣାଶୁଣା ।



ଅନିଲ କପୁର ଓ ଶାହରୁଖ ଖାନ ଫିଲ୍ମ ପାଇଁ ଏକତ୍ର

ବିଲିଉଡ ଏକ୍ସଟ୍ରାଗ୍ରାଣ୍ଡ ଅଭିନେତା ଅନିଲ କପୁର । ପ୍ରାୟତଃ ତାଙ୍କ ଫିଟନେସ୍ ଏବଂ ଗ୍ଲାମ ଲୁକ ପାଇଁ ବହୁ ଚର୍ଚ୍ଚାରେ ଥାଆନ୍ତି । କିନ୍ତୁ ଏଥର ସେ ଏପରି କିଛି କରିବାକୁ ଯାଉଛନ୍ତି ଯାହା କେହି କଳ୍ପନା ମଧ୍ୟ କରିନଥିବେ । ରିପୋର୍ଟ ଅନୁଯାୟୀ, ଶାହରୁଖ ଖାନଙ୍କ ବହୁ ଫେମସ୍ ଆବଦ୍ ଥ୍ରିଲର ଫିଲ୍ମ 'କିଙ୍ଗ୍' ପାଇଁ ଅନୀଲ କପୁର ତାଙ୍କ ଲୁକରୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଫିଲ୍ମରେ ସେ ଲୁକରେ ନଜର আସିବେ । ଦଣ୍ଡି ଧରି ତାଙ୍କର ସିଟ୍ରେଟର୍ ରୋଲାଗଣ୍ଡାଲ୍ ପାଇଁ ଜଣାଶୁଣା, ଅନୀଲ କପୁରଙ୍କ ଏହି ପଦକ୍ଷେପ କେବଳ ତାଙ୍କ ଫ୍ୟାନ୍ସମାନଙ୍କୁ ଆଶ୍ଚର୍ଯ୍ୟ କରିନାହିଁ ବରଂ ଫିଲ୍ମ ଇଣ୍ଡଷ୍ଟ୍ରି ମଧ୍ୟରେ ଆଲୋଚନାର ବିଷୟ ମଧ୍ୟ ପାରିଛି । ଅନିଲ କପୁର ତାଙ୍କର ଦାଢି ଦରଣିର ବ୍ୟବହାରରେ ବିଲିନ୍ଦ ଭୂମିକାରେ ଅଭିନୟ କରିଛନ୍ତି । କିନ୍ତୁ ଏହା ପ୍ରଥମ ଥର ପାଇଁ ତାଙ୍କୁ ଏହି ପରିବାରର ବୃଦ୍ଧି ମଣ୍ଡଳ ଅର୍ଥାତ୍ ଲମ୍ବା ହୋଇଥିବାର ଦେଖିବାକୁ ମିଳିବ । ପ୍ରଚଳନ ଗୁରୁ ଅନୁଯାୟୀ ତାଙ୍କର ବୃଦ୍ଧି ଫିଲ୍ମର ଷ୍ଟିମ୍ପ ପାଇଁ ଅତ୍ୟନ୍ତ ଜରୁରୀ । ଯଦିଓ ତାଙ୍କ ଭୂମିକା ବିଷୟରେ କିଛି ସୂଚନା ଜଣାଯାଇ ନାହିଁ, ହେଲେ ଅନୁମାନ ଜଣାଯାଇଛି ଯେ ସେ ଫିଲ୍ମରେ ଶାହରୁଖ ଖାନଙ୍କ ମେଣ୍ଟର ଅର୍ଥାତ୍ ଗୁରୁ ଭୂମିକାରେ ଅଭିନୟ କରିବେ । ଏହି କାହାଣୀ ସୋସିଆଲ ମିଡିଆରେ ବହୁତ୍ ଚର୍ଚ୍ଚା କରିଛି । 'କିଙ୍ଗ୍' ଫିଲ୍ମର ସମ୍ଭାବ୍ୟ ଆକର୍ଷଣୀୟ ବିଷୟ ହେଉଛି ଏହାର ଦଢ଼ ଷ୍ଟାର କାଷ୍ଟ । ଶାହରୁଖ ଖାନଙ୍କ ଝିଅ ସୁହାନା ଖାନ ଏହି ଫିଲ୍ମ ସହିତ ଦଢ଼ ପରିବାରରେ ଡେବ୍ୟୁ କରୁଛନ୍ତି । ଏଥିରେ ଦୀପିକା ପାଦୁକୋନ, ଅଭିଷେକ ବଚ୍ଚନ, ରାଣୀ ମୁଖାର୍ଜୀ ଏବଂ ଅରଶଦ ୱାର୍ସି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଏହି ଫିଲ୍ମରେ ଏତେ ସ୍ଟାରମାନେ ଥିବାରୁ, ୨୦୨୬ ର ସବୁଠାରୁ ବଡ଼ ଫିଲ୍ମ ହେବ ବୋଲି ଆଶା କରାଯାଉଛି ।

ଏଥିସହ ଜାତୀୟଗତ ଫିଲ୍ମର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ, ଯିଏ ପୂର୍ବରୁ 'ପଠାନ' ଭଳି ବ୍ଲକବଷ୍ଟର ଫିଲ୍ମ ଦେଇଥିଲେ, ସେ ସୋସିଆଲ ମିଡିଆରେ ଫିଲ୍ମ ବିଷୟରେ ଲଗାତାର ସୂଚନା ଦେଉଛନ୍ତି । ତାଙ୍କର ଦ୍ୱିତୀୟ ଜଣାପଡୁଛି ଯେ ଏହାର ଏକ ଅପିସିଆଲ ରିଲିଜ୍ ଡେଟ୍ ଖୁବ୍ ଶୀଘ୍ର ଘୋଷଣା କରାଯାଇପାରେ । ବର୍ତ୍ତମାନ, ଫିଲ୍ମଟି ୨୦୨୬ ଖ୍ରୀଷ୍ଟମାସ ପାଖାପାଖି ରିଲିଜ୍ ହେବ ବୋଲି ଶୁଣିବାକୁ ମିଳୁଛି ।



ପତ୍ନୀଙ୍କ ଠାରୁ ଅଲଗା ହେବେ ଗୌରବ

ଗୁଜି କଳାରେ ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍ ବିଜେତା ତଥା ଅଭିନେତା ଗୌରବ ଖନ୍ନା। ଶୋ'ରେ ପତ୍ନୀଙ୍କ ପ୍ରତି ଥିବା ଭଲପାଇବାକୁ ନେଇ ସେ ଖବର ଶିରୋନାମାରେ ରହୁଥିଲେ। କାରଣ ବିବାହର ବର୍ଷଣି ହେବାକୁ ଯାଉଥିଲେ ହେଁ ସନ୍ତାନ ନ ଥିବା ପ୍ରଶ୍ନର ଉତ୍ତରରେ ସେ ସମସ୍ତଙ୍କ ମନ କିଶିଥିଲେ। ପତ୍ନୀ ଆକାଂକ୍ଷା ସନ୍ତାନ ଚାହୁଁ ନ ଥିବାରୁ ସେ ତାହାକୁ ସମ୍ମାନ କରାଉଥିବା କହିଥିଲେ। ହେଲେ ଏବେ ଦୁହିଁଙ୍କ ସମ୍ପର୍କରେ ଗୀତ ସୃଷ୍ଟି ହୋଇଥିବା ଦର୍ଶା ହୋଇ ଧରିଛି। ଏହା ପଛରେ ରହିଛି ଆକାଂକ୍ଷାଙ୍କ ପୋଷ୍ଟ। ଆକାଂକ୍ଷା ସୋସିଆଲ ମିଡିଆରେ ସମ୍ପର୍କକୁ ନେଇ ଏକ କ୍ରିପ୍ଟିକ୍ ପୋଷ୍ଟ ଶେୟାର କରିଛନ୍ତି, ଯାହାକି ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ ଦେଇଛି। ସେ ଲେଖିଛନ୍ତି, ଯେଉଁ ସମ୍ପର୍କର ମୂଳଭୂତ ଆବଶ୍ୟକତା ଉପରେ ଆଧାରିତ, ସେଠାରେ ହୃଦୟ କାନ୍ଦି ପଡ଼ିଯାଏ। ଏହି ପୋଷ୍ଟ ଭାଇରାଲ ହେବା ପରେ ଗୌରବଙ୍କ ସହ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ସେହିଭଳି କିଛି ବ୍ୟବସାୟିକ ପୋଷ୍ଟଟି ତାଙ୍କର ଅପକମିଂ ପ୍ରୋଜେକ୍ଟର ପୂର୍ବ ସୂଚନା ବୋଲି କହୁଛନ୍ତି। ଜଣିଲଖୁନ୍ତୁ, ଆକାଂକ୍ଷା ନମୋଲା ଏବଂ ଗୌରବ ଖନ୍ନା ୨୦୧୬ରେ ବିବାହ କରିଥିଲେ। ବେଶ ଗୋପନୀୟରେ ବିବାହ ଅନୁଷ୍ଠିତ ହୋଇଥିଲା। ଏବେ ଭଲଯାଙ୍କ ସମ୍ପର୍କକୁ ନେଇ କରାଯାଉଥିବା ଆଲୋଚନା କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୧ ଫେବୃଆରୀ ୨୦୨୬

ନ୍ୟାୟ ପାଇଲାନି ମଣିପୁର ଝିଅ !

୨୦୨୩ ମସିହା ମେ' ମାସରୁ ମଣିପୁରରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକି ମଧ୍ୟରେ ଲାଗିଥିବା ଜାତିଆଣ ବଙ୍ଗା ଜାତିମଧ୍ୟରେ ଥମିଛି ସତ କିନ୍ତୁ କ୍ଷତ ଶୁଖିନାହିଁ । ରାଜ୍ୟରେ ଏବେ ବି ଝାଁ ଝାଁ ହିଂସା ବ୍ୟତୀତ ପରିସ୍ଥିତି ପ୍ରାୟତଃ ଶାନ୍ତ ରହିଛି । ହତ୍ୟା, ଦୁଷ୍କର୍ମ, ପୋଡାଜଳା ବହୁ ଲୋମହର୍ଷଣକାରୀ ଘଟଣାବଳୀର ସ୍ମୃତି ଏବେ ବି ପିଡୀତାଙ୍କ ମନରେ ରହିଛି । ଏହରି ମଧ୍ୟରେ କୁକି ସମ୍ପ୍ରଦାୟର ଜଣେ ଯୁବତୀ ଯେ ବି ୨୦୨୩ ଜାତିଆଣ ବଙ୍ଗା ସମୟରେ ଲୋଭହର୍ଷଣକାରୀ ଯୌନ ନିର୍ଯ୍ୟାତନାର ପ୍ରତୀକାତ୍ମକ ଭାବେ ରହିଥିଲେ, ଶେଷରେ ଜଣେ ହେଲେ ଅପରାଧୀଙ୍କୁ ଚିହ୍ନିତ କରିନପାରି ହସପିଟାଲରେ ଜୀବନ ଯୁଦ୍ଧରେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି । ଯେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା, ସେ ଏକ ସଶସ୍ତ୍ର ଗ୍ରୁପ ଦ୍ୱାରା ଅବଦ୍ୟତ ଲୋମହର୍ଷଣକାରୀ ବର୍ବରତାର ଶିକାର ହୋଇଥିଲେ । ଅପହରଣକାରୀଙ୍କ କବଳରୁ ମୁମୂର୍ଷୁ ଅବସ୍ଥାରେ ଖସି ଆସି ଗତ ୨୦୨୩ ଜୁଲାଇ ୨୧ତାରିଖରେ ବଙ୍ଗପୋକପି ପୋଲିସ ଷ୍ଟେସନରେ ଏକ ଏତଲା ଦାୟର କରିଥିଲେ । ନ୍ୟାୟ ପାଇଁ ଗତ ୩୦ମାସ ଧରି ପ୍ରତ୍ୟେକ କର୍ତ୍ତୃପକ୍ଷଙ୍କୁ ଆହୁଲ ଆବେଦନକରିଥିବା ସତ୍ତ୍ୱେ କିଛି ବୁଝା ହୋଇପାରୁନଥିଲା । ଶେଷରେ ସେ ଗତ ରବିବାର ଦିନ ବିଷିପ୍ତାଧାନ ଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବୋଧହୁଏ ମଣିପୁର ବଙ୍ଗା ଜାଳରେ ଲୋମହର୍ଷଣକାରୀ ଗଣବୁଦ୍ଧର୍ମ ଓ ବର୍ବରତାର ସେ ପ୍ରତୀକ ଥିଲେ ବୋଲି କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ମଣିପୁର ଜାତିଗତ ବଙ୍ଗା ହତ୍ୟା, ଦୁଷ୍କର୍ମ, ଅପହରଣ, ଲିଙ୍ଗଘର ହିଂସା, ପୋଡାଜଳା, ଘରଦ୍ୱାର ଛାଡି ଗଣ ପଳାୟନର ମୂକ ସାକ୍ଷୀ ଏବେ ପାଲଟିଛି । ଉଭୟ ଜନ୍ମାଳ ଉପତ୍ୟକା ଓ ପାର୍ବତ୍ୟଂଚଳର ଲୋକମାନଙ୍କ ମଧ୍ୟରୁ ହିଂସା ବେଳକ ବର୍ବରତା ଲୋକଙ୍କ ମନରୁ ଲିଭି ନାହିଁ । ଏବେ ବି ଦୁଇ ସମ୍ପ୍ରଦାୟ ଲୋକେ ଭୟ ଓ ଆତୁର ମଧ୍ୟରେ ଜାଳ ଅତିବାହିତ କରୁଥିବା କୁହାଯାଏ । ଜାତୀୟ ଟ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି)ର ରିପୋର୍ଟ ଅନୁଯାୟୀ ତଳିତ ବର୍ଷ ମଣିପୁରରେ ମହିଳା ବିରୋଧି ହିଂସା ହ୍ରାସ ପାଇ ୨୦୧ ମାମଲା ମଧ୍ୟରେ ସୀମିତ ରହିଛି । ଗତ ବର୍ଷ ରାଜ୍ୟରେ ୨୪୮ଟି ମହିଳା ବିରୋଧି ହିଂସା ଘଟଣା ଘଟିଥିଲା । ଏବେ ବି ଉଭୟ ସମ୍ପ୍ରଦାୟର ବହୁ ପୀଡିତା ଯେଉଁମାନେ ବଙ୍ଗା ସମୟରେ ବର୍ବରତାର ଶିକାର ହୋଇଥିଲେ, ନ୍ୟାୟ ଅପେକ୍ଷାରେ ଅଛନ୍ତି । ଏହା ନିସନ୍ଦେହ ଯେ, ବଙ୍ଗା ଜାଳରେ ଦୁଷ୍କର୍ମ ଦୃତ୍ବତମାନଙ୍କର ଏକ ସୁଚିନ୍ତିତ ସାଧାରଣ ଅସ୍ତ୍ର ଥିଲା । କେବଳ ଏତିକି ନୁହେଁ, ମହିଳା ବିରୋଧି ବର୍ବରତା ଚରମ ପର୍ଯ୍ୟାୟରେ ପହଁଚିଥିବା କହିବା ଭୁଲେ ଅତିଶୟୋକ୍ତି ହେବ ନାହିଁ । ମଣିପୁରରେ ଦୁଇଜଣ ମହିଳାଙ୍କୁ ସମ୍ପୂର୍ଣ୍ଣ ନିବସ୍ତ୍ର କରି ରାସ୍ତାରେ ଦୁର୍ବୃତ୍ତମାନେ ଚଲାଇ ନେବା ଘଟଣା ମଧ୍ୟ ଘଟିଥିଲା, ଯାହାକି ସଭ୍ୟ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ ଭାବେ ରହିଯାଇଛି ବୋଲି କହିଲେ ଭୁଲ ହୋଇନପାରେ । କହିବା ବାହୁଲ୍ୟ ଯେ, ମଣିପୁରର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଏବଂ ପୋଲିସର ପକ୍ଷପାତିତା, ନିଷ୍କ୍ରିୟତା ଯୋଗୁଁ ଜାତିଆଣ ବଙ୍ଗା କେବଳ ଉଗ୍ରରୂପ ନେଇନଥିଲା, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବଙ୍ଗାଜାତୀୟ ରାଜା ଏବଂ ପୋଲିସର ବାହୁଛାୟା ତଳେ ଥିଲା । ସେତେବେଳେ ବିଜେପି ନେତୃତ୍ୱ ଜାହିଁକି ରାଜ୍ୟସରକାରଙ୍କ ପକ୍ଷପାତିତା ପ୍ରତି ଆଖି ବୁଜି ଦେଉଥିଲା । ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି । ଗଲା ବର୍ଷ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ବିରେନ ସିଂହଙ୍କ ଇସ୍ତଫା ପରେ, ମଣିପୁର ଏବେ ରାଷ୍ଟ୍ରପତି ଶାସନାଧିନ ରହିଛି । କେନ୍ଦ୍ରୀୟ ଗାହିନୀର କଳାନମାନଙ୍କୁ ଉଭୟ ଜନ୍ମାଳ ଉପତ୍ୟକା ଓ ପାର୍ବତ୍ୟଂଚଳରେ ମୁତୟନ କରାଯାଇଛି । ଜାତିଆଣ ବଙ୍ଗାର ତବଷ ସିବିଆଇ କରୁଛି । ମଣିପୁରରେ ରାଷ୍ଟ୍ରପତି ଶାସନକୁ ଇତିମଧ୍ୟରେ ଗୋଟିଏ ବର୍ଷ ପୁରିବାକୁ ଯାଉଥିବାବେଳେ ୨୦ବର୍ଷ ବୟସ୍କାର ପୀଡିତା ନ୍ୟାୟ ନପାଇ ଆଖିବୁଜି ନାହାଁନ୍ତି, ଦୁଇ ଜାତିଆଣ ଗ୍ରୁପ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇନାହିଁ, ଶାନ୍ତି ଆଲୋଚନାକୁ ସମସ୍ତେ ଭୁଲି ଯାଇଥିବା ମନେହୁଏ । ମଣିପୁରର ବିଭାଜନ ବାବି ଦିନକୁ ଦିନ ଚେଚେରାରେ ଲାଗିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ବିଫଳ ହୋଇଥିବା କୁହାଯାଇପାରେ । ଏହା ନିସନ୍ଦେହ ଯେ, ମଣିପୁର ପୋଲିସର ପକ୍ଷପାତିତା ଯୋଗୁଁ ନ୍ୟାୟ ନପାଇ ଶେଷରେ ୧୮ବର୍ଷ ବୟସ୍କାର ଯୁବତୀ ଆଖିବୁଜିଛନ୍ତି । ଉଭୟ ବୁଦ୍ଧତ୍ୱ ଓ ଅପରାଗ ପୋଲିସଙ୍କ ବିରୁଦ୍ଧରେ ଉପଯୁକ୍ତ ଦଣ୍ଡ ବିଧାନ ହିଁ, ପିଡିତାଙ୍କୁ ନ୍ୟାୟ ଦେଇପାରିବ । ଏଭଳି ଲୋମହର୍ଷଣକାରୀ ଘଟଣାର ନ୍ୟାୟିକ ଦଣ୍ଡ କରାଯିବା ଜରୁରୀ ।

ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଆତ୍ମପ୍ରଦର୍ଶନ। ଓଡ଼ିଶା ସହିତ ରହିଛି । ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି । ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧିଜୀଙ୍କ ପୁରା ଆଗମନର ଶତବାର୍ଷିକୀ ଉତ୍‌ଯାପନ ସମାରୋହ ପାଳନ ହେବ । ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ । ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ । ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ । ଧୋତି ବଦଳରେ ଆଣ୍ଠୁ ଉପରକୁ ଲୁଙ୍ଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ । ତାଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା । ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ । ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଁଚିଥିଲେ । ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ସେହିଦିନ ସନ୍ଧ୍ୟାରେ ଶରଦାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା । ଏହାପରେ ସେ ପୁରୀ ଜିଲ୍ଲାର ଗାରିଦ୍ର୍ୟ ରୂପ ଦେଖୁଥିଲେ । ଅଭାବ କେବେ କଷ୍ଟକାରକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇପଡ଼ିଥିଲେ । ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସକ୍ଷୀତାହଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ ।

ଡିଜିଟାଲ ଜନଗଣନା

ଦୀର୍ଘ ବର୍ଷ ପରେ ଭାରତର ୧୬ତମ ଜାତୀୟ ଜନଗଣନା ୨୦୨୬-୨୭ରେ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଛି । ଏହି ଘୋଷଣା କେବଳ ଏକ ପ୍ରଶାସନିକ କାର୍ଯ୍ୟସୂଚୀ ନୁହେଁ, ବରଂ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ଏହି ଜନଗଣନା ବୁଇଟି ଐତିହାସିକ କାରଣରୁ ସ୍ୱତନ୍ତ୍ର ହେବାକୁ ଯାଉଛି । ପ୍ରଥମତଃ, ଏହା ଭାରତର ସର୍ବପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା ହେବ, ଯାହା ତଥ୍ୟ ସଂଗ୍ରହ ଏବଂ ପ୍ରକ୍ରିୟାକରଣରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଦ୍ୱିତୀୟତଃ, ୧୯୩୧ ମସିହା ପରଠାରୁ ପ୍ରଥମ ଥର ପାଇଁ ଏଥିରେ ଏକ ବ୍ୟାପକ ଜାତିଗତ ଗଣନା ସାମିଲ କରାଯିବ । ଏହି ଦୁଇଟି ପରବର୍ତ୍ତେ ମିଶି ଆଗାମୀ ଦଶକ ପାଇଁ ଭାରତର ଜାତୀୟ ନୀତି, ସମ୍ବଳ ଆବଂଟନ ଏବଂ ରାଜନୈତିକ ପ୍ରତିନିଧିତ୍ୱ ଉପରେ ଏକ ଗଭୀର ଏବଂ ଅପରିହାର୍ଯ୍ୟ ପ୍ରଭାବ ପକାଇବ, ଯାହା ବେଶର ଭବିଷ୍ୟତକୁ ଏକ ନୂତନ ଦିଗ ଦେବା ଆଶା କରାଯାଏ । ୧୮୭୨ ମସିହାରେ ଆରମ୍ଭ ହେବା ପରଠାରୁ ଭାରତୀୟ ଜନଗଣନା କେବେବି ସ୍ଥଗିତ ହୋଇନଥିଲା, ଏପରିକି ବିଶ୍ୱଯୁଦ୍ଧ ସମୟରେ ମଧ୍ୟ । କିନ୍ତୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ କରାଯିବା ଏକ ଅଭୂତପୂର୍ବ ଘଟଣା ଥିଲା । ଏହି ବିଳମ୍ବ ଦେଶକୁ ଏକ 'ଡାଟା ବ୍ଲାକହୋଲ୍'ରେ ପକାଇ ଦେଇଥିଲା । ବଣ୍ଟାଣିକ ଯୋଜନା, କଲ୍ୟାଣକାରୀ ଯୋଜନାର ହିତାଧିକାରୀ ଚିହ୍ନଟ ଏବଂ ସମ୍ବଳ ଆବଂଟନ ପାଇଁ ଗୁରୁତ୍ୱପୂର୍ଣ୍ଣ ୨୦୧୧ର ପୁରୁଣା ତଥ୍ୟ ଉପରେ ନିର୍ଭରଶୀଳତା ଶାସନକୁ ପଙ୍କୁ କରିବାର ଆଶଙ୍କା ସୃଷ୍ଟି କରିଥିଲା । ବର୍ତ୍ତମାନ ଏକ ନୂତନ କାର୍ଯ୍ୟସୂଚୀ ଘୋଷଣା କରାଯିବା ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ପୁଣିଥରେ ଟ୍ରାକ୍‌କୁ ଫେରିଛି । ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଘର ତାଲିକାକରଣ ଏବଂ ଗୃହ ଗଣନା କରାଯିବ । ଜାମ୍ମୁ ଓ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି କିଛି ଅଞ୍ଚଳରେ ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୦୨୫ରୁ ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଫେବୃଆରୀ ୨୦୨୭ ଠାରୁ ମୁଖ୍ୟ ଜନସଂଖ୍ୟା ଗଣନା କାର୍ଯ୍ୟ କରାଯିବ । ୨୦୨୧ରେ କେନ୍ଦ୍ରୀୟ ବଜେଟରେ ଏହି ବୃହତ କାର୍ଯ୍ୟ ପାଇଁ ୩୭.୬୮ ବିଲିୟନ (ପ୍ରାୟ ୩,୭୬୮ କୋଟି ଟଙ୍କା) ଆବଂଟନ କରାଯାଇଥିଲା, ପରନ୍ତୁ ଏହା ବିଭିନ୍ନ କାରଣରୁ ରୂପାନ୍ତରିତ ହୋଇପାରିନଥିଲା । ଏହି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବା ସହିତ ଜନଗଣନାରେ ବ୍ୟବହାର ହେବାକୁ ଥିବା ଆଧୁନିକ ଡିଜିଟାଲ୍ ପଦ୍ଧତି ଏହାକୁ ଅଧିକ ଦକ୍ଷ ଏବଂ ସମୟୋପଯୋଗୀ କରିବ ବୋଲି ଆଶା କରାଯାଉଛି । ଏହି ଆଧୁନିକୀକରଣର ମୂଳ ଲକ୍ଷ୍ୟ ହେଉଛି, ଭାରତ ଭଳି ବିଶାଳ ଦେଶର ଏହି ଜାତୀୟ କାର୍ଯ୍ୟରେ ଗତି, ସଠିକତା ଏବଂ ତଥ୍ୟ ପ୍ରକ୍ରିୟାକରଣର ଦକ୍ଷତା ବୃଦ୍ଧି କରିବା । ଏହାକୁ ରାଷ୍ଟ୍ରୀୟ ଫଳାଫଳ ଶୀଘ୍ର ପ୍ରକାଶ ପାଇପାରିବ ଏବଂ ନୀତି ନିର୍ଦ୍ଧାରଣରେ ତୁରନ୍ତ ସହାୟକ ହେବ । ପ୍ରଯୁକ୍ତି-ଚାଳିତ ତଥ୍ୟ ସଂଗ୍ରହ ପାଇଁ ଏକ 'ମିଳୁକ ମୋହ୍ ଆପ୍ରୋଚ୍' ବ୍ୟବହାର କରାଯିବ । ମୁଖ୍ୟତଃ, ଗଣନାକାରୀମାନେ ନିଜ ସ୍ମାର୍ଟଫୋନରେ ଥିବା ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡିଜିଟାଲ୍ ଭାବରେ ତଥ୍ୟ ସଂଗ୍ରହ କରିବେ । ଇତିହାସରେ ପ୍ରଥମ ଥର ପାଇଁ, ନାଗରିକମାନଙ୍କୁ ଏକ ସ୍ୱତନ୍ତ୍ର ସେଲ୍ଫ୍ ପୋର୍ଟାଲ ମାଧ୍ୟମରେ 'ସ୍ୱ-ଗଣନା' କରିବାର ସୁଯୋଗ ଦିଆଯିବ । ଯେଉଁମାନେ ଡିଜିଟାଲ୍ ମାଧ୍ୟମ ବ୍ୟବହାର କରିବାରେ ଅସୁବିଧା ଅନୁଭବ କରିବେ, ସେମାନଙ୍କ ପାଇଁ ଜାଗକ ଫର୍ମର ବିକଳ୍ପ ମଧ୍ୟ ଉପଲବ୍ଧ ରହିବ, ଯାହାର ତଥ୍ୟକୁ ପରେ ଇଲେକ୍ଟ୍ରୋନିକ୍ ଭାବରେ ଦାଖଲ କରାଯିବ । ବୁଇଟି ପର୍ଯ୍ୟାୟରେ ଏଥିନିମନ୍ତେ ତଥ୍ୟ ସଂଗ୍ରହ ହେବାକୁ ନିର୍ଦ୍ଧାରିତ ହୋଇଅଛି । ପ୍ରଥମ ପର୍ଯ୍ୟାୟରେ, ଗଣନାକାରୀମାନେ ପ୍ରତ୍ୟେକ ଘରକୁ ଯାଇ ୩୧ଟି ପ୍ରଶ୍ନ ପଚାରିବେ । ଏଥିରେ ଘରର ଅବସ୍ଥା, ପରିବାରର ସଦସ୍ୟ ସଂଖ୍ୟା, ଏବଂ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ତଥ୍ୟ ସଂଗ୍ରହ କରାଯିବ । ଉଦାହରଣ ସ୍ୱରୂପ: ପାନୀୟ ଜଳର ଉତ୍ସ, ଶୌଚାଳୟର ସୁବିଧା, ଇ[ରନେଟ୍ ସଂଯୋଗ, ଟିଭି, ଗାଡ଼ି, ମୋବାଇଲ ଫୋନ୍ ଭଳି ସମ୍ପତ୍ତି, ଏବଂ ପରିବାରରେ ମୁଖ୍ୟତଃ କେଉଁ ଶସ୍ୟ ଖିଆଯାଏ ଇତ୍ୟାଦି । ପରନ୍ତୁ, ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୧ଟି ଶ୍ରେଣୀରେ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ । ଏଥିରେ ବୟସ, ବୈବାହିକ ସ୍ଥିତି, ଧର୍ମ, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ କାର୍ଯ୍ୟକଳାପ ଏବଂ ସ୍ଥାନାନ୍ତରଣ ସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ସାମିଲ ରହିବ । ଏହି ଅତ୍ୟାଧୁନିକ ପଦ୍ଧତି କେବଳ ତଥ୍ୟ ସଂଗ୍ରହକୁ ସହଜ କରିବ ନାହିଁ, ବରଂ ଏହା ସହିତ ଯୋଡ଼ି ହୋଇଥିବା ସବୁଠାରୁ ବିଡାବୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ-ଜାତିଗତ ଗଣନା ପାଇଁ ଏକ ଦୃଢ଼ ମଂଚ ପ୍ରସ୍ତୁତ କରିବ । ପ୍ରାୟ ଏକ ଶତାବ୍ଦୀର ବ୍ୟବଧାନ ପରେ, ସରକାରୀ ସ୍ତରରେ ଜାତିଗତ ଜନଗଣନାକୁ ସାମିଲ କରିବା ଏକ ଯୁଗାନ୍ତକାରୀ ନିଷ୍ପନ୍ନ । ଏହି ପରବର୍ତ୍ତେ କେବଳ ଦାର୍ଘଦିନର ରାଜନୈତିକ ଏବଂ ସାମାଜିକ ବାଦବିବାଦ ସମ୍ଭାନ ଦେବନାହିଁ, ବରଂ ଏହା ଭାରତୀୟ ସମାଜର ଗଠନକୁ ଏକ ଅଧିକ ସବିଶେଷ ଏବଂ ତଥ୍ୟ-ଆଧାରିତ ଦୃଷ୍ଟିକୋଣରୁ ବୁଝିବାର ଏକ ପ୍ରୟାସ । ଏହା ଏକ ପରିବର୍ତ୍ତନକାରୀ ସାମାଜିକ ଅତିଟ୍, ଯାହା ଦେଶର ଶକ୍ତି ସବୁଜନକୁ ପୁନଃନିର୍ଦ୍ଧାରଣ କରିବାର କ୍ଷମତା ରଖେ । ଜାତି ଗଣନା ନିଷ୍ପତ୍ତିର ମୂଳ ଲକ୍ଷ୍ୟ ହେଉଛି, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବାହାରେ ଥିବା ଅନ୍ୟାନ୍ୟ ଜାତିମୂହର ସାମାଜିକ, ଆର୍ଥିକ ସ୍ଥିତିକୁ ମୂଲ୍ୟାଙ୍କନ କରିବା ପାଇଁ ବାସ୍ତବିକ ତଥ୍ୟ ପ୍ରଦାନ କରିବା । ଏହା ସମାଜରେ ଥିବା ସାମାଜିକ-ଆର୍ଥିକ ଅସମାନତାର ପ୍ରକୃତ ଏବଂ ଅପ୍ରିୟ ସତ୍ୟକୁ ସାମ୍ନାକୁ ଆଣିବ । ହେଲେ, ଏପରିସ୍ଥଳେ ଏହି ତଥ୍ୟ ଭାରତର ସଂରକ୍ଷଣ ନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି: ଏହି ତଥ୍ୟ ଅନ୍ୟ ପଛୁଆବର୍ଗ, ତପସିଲଭୁକ୍ତ ଜାତି ଓ ଉପଜାତି ମଧ୍ୟରେ ଉପ- ବର୍ଗୀକରଣ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ସଂରକ୍ଷଣର ଲାଭ ଅଧିକ ସମାନ ଭାବରେ ବଣ୍ଟନ କରାଯାଇପାରିବ, ଯାହା ରୋହିଣୀ କମିଶନଙ୍କର ମଧ୍ୟ ମୂଳ ଉଦ୍ଦେଶ୍ୟ ଥିଲା । ମରାଠା, ଜାଟ୍ ଏବଂ ପଟେଲ୍ ଭଳି ପ୍ରଭାବଶାଳୀ ସମ୍ପ୍ରଦାୟ ଦ୍ୱାରା କରାଯାଉଥିବା ସଂରକ୍ଷଣ ଦାବିଗୁଡ଼ିକର ନ୍ୟାୟିକ ମୂଲ୍ୟାଙ୍କନ ପାଇଁ ଏହି ତଥ୍ୟ ଏକ ବୈଜ୍ଞାନିକ ଆଧାର ପ୍ରଦାନ କରିବ । ସରକାରୀ ଚାକିରି ସଂଖ୍ୟା ହ୍ରାସ ପାଉଥିବାବେଳେ, ଏହି ତଥ୍ୟ ଘରୋଇ କ୍ଷେତ୍ରରେ ସଂରକ୍ଷଣ ପାଇଁ ଏକ ବଡ଼ ରାଜନୈତିକ ଏବଂ ଆଇନଗତ ବିତର୍କକୁ ଚାଡ଼ି ଦେବାର ସମ୍ଭାବନା ରହିଛି । ଜାତିଗତ ତଥ୍ୟ ଯେପରି ସାମାଜିକ ନ୍ୟାୟର ନୂତନ ଦିଗ ନିର୍ଦ୍ଧାରଣ କରିବ, ସେହିପରି ସାମଗ୍ରିକ ଜନଗଣନା ତଥ୍ୟ ବେଶର ଶାସନ, ବିକାଶ ଏବଂ ରାଜନୈତିକ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିବ । ଜନଗଣନା କେବଳ ଏକ ସୁଷ୍କ ଗଣତି ନୁହେଁ, ଏହା ଗଣତାନ୍ତ୍ରିକ ଶାସନର ମୂଳଦୁଆ । ଏଥିରୁ ମିଳୁଥିବା ତଥ୍ୟ ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଥିବା ରାଜନୈତିକ ପ୍ରତିନିଧିତ୍ୱ, ପାଣି ଆବଂଟନ ଏବଂ ବିକାଶମୂଳକ ଯୋଜନାକୁ ସିଧାସଳଖ ପ୍ରଭାବିତ କରେ । ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଜନଗଣନା ତଥ୍ୟ ଅପରିହାର୍ଯ୍ୟ । ୨୦୨୬ ଜନଗଣନାର ତଥ୍ୟକୁ ଆଧାର କରି ପରବର୍ତ୍ତୀ ସୀମା ନିର୍ଦ୍ଧାରଣ କରାଯିବ, ଯାହା ଭାରତର ରାଜନୈତିକ ମାନଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ । ଏହା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ରହିଛି, କାରଣ ଉତ୍ତରପ୍ରଦେଶ ଭଳି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଘଟୁଥିବା ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକର ସଂସଦୀୟ ଆସନ ସଂଖ୍ୟା ବୃଦ୍ଧିପାଇବ, ଯେତେବେଳେ ଦି ତାମିଲନାଡୁ ଭଳି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆସନ କମିଯିବ । ପୁରାତନ ଜନଗଣନା ଯୋଗୁଁ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଭଳି ଜୀବନ ରକ୍ଷାକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ଆସନ କମିଯିବ । ଜନଗଣନା ଏହି ବ୍ୟାପକ ଗୁରୁତ୍ୱ ସତ୍ତ୍ୱେ ଏହାକୁ ସଫଳତାର ସହ ସମ୍ପାଦନ କରିବା ଏକ ବଡ଼ ଆହ୍ୱାନ । ଏହି ଜନଗଣନା ଏକ ବିଶାଳ କାର୍ଯ୍ୟକ୍ରମ ଏବଂ ଏହାର ସଫଳ ରୂପାୟନ ପାଇଁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ । ଡିଜିଟାଲ୍ ପରିବେଶରେ ତଥ୍ୟର ସଠିକତା, ସୁରକ୍ଷା ଏବଂ ସମ୍ବେଦନଶୀଳ ସୂଚନାର ଗୋପନୀୟତା ବଜାୟ ରଖିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଡିଜିଟାଲ ଭାବରେ ସଂଗୃହୀତ ତଥ୍ୟର ସଠିକତା ନିଶ୍ଚିତ କରିବା ଏବଂ ଏହାକୁ ସାଇବର ଆକ୍ରମଣରୁ ସୁରକ୍ଷିତ ରଖିବା ଏକ ବଡ଼ ଦାୟିତ୍ୱ । ଦେଶବ୍ୟାପୀ ପ୍ରାୟ

ଗାନ୍ଧିଜୀଙ୍କ ତିରୋଧାନ ଦିବସ ଉପଲକ୍ଷେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା

ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ସମ୍ପର୍କିତ ତାଲିମ

ସମ୍ବଲପୁର,୩୧/୧(ନି/ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଡାହାଣୀ ସନ୍ଦେହ ରେ ନିର୍ଯ୍ୟାତନା କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ର ଆୟୋଜନ କରା ଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁଙ୍କ ସ୍ୱାଗତ ଭାଷଣ ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଲୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଆଇନ ର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ଧ୍ୟାନ ଦେବାକୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଡି.ଏସ.ପି ବିଚରଣ୍ଜନ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଡାହାଣୀ ସନ୍ଦେହ ର ନିର୍ଯ୍ୟାତନା କୁ ନେଇ ଥିବା ବିଭିନ୍ନ ନୀତି ନିୟମ ସମ୍ପର୍କ ରେ ଆଲୋଚପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମିନତଡା ପାଣିଗ୍ରାହୀ ତାଲିମ ବାଡା ଭାବରେ ଯୋଗ ଦେଇ ଡାହାଣୀ ନିର୍ଯ୍ୟାତନା ପାଇଁ ଥିବା ବିଭିନ୍ନ ନୀତି ନିୟମ ଓ ଓଡ଼ିଶାରେ ଘଟିଥିବା ବିଭିନ୍ନ ଘଟଣା ସମ୍ପର୍କରେ ଉଦାହରଣ ରଖିଥିଲେ । ଅନ୍ୟତମ ତାଲିମ ବାଡ଼ା ଭାବରେ ସୁନୀତା ତ୍ରିପାଠୀ ଯୋଗ ଦେଇ ଡାହାଣୀ ସନ୍ଦେହ ରେ ଘଟୁଥିବା । ଘଟଣା ରେ ପୀଡିତା ଥିବା ମହିଳା ମାନଙ୍କର ସାମାଜିକ ଥଇଥାନ ପାଇଁ ସମସ୍ତଙ୍କର ଭୂମିକା ସମ୍ପର୍କରେ ଆଲୋଚ ପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମାନେ ସରପଂଚ, ସଖିର କର୍ମକର୍ତା, ଆବର୍ଣ୍ଣ'ର କର୍ମକର୍ତା, ଆଶାର କର୍ମକର୍ତା, ପଞ୍ଚମ ଓଡ଼ିଶା ଓଡିସି ମଂଚର ଆବାହକ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କିଶୋର ବାଳକ ଓ ବାଳିକା ,ପାରାଲିଗାଲ କର୍ମୀମାନେ ଯୋଗ ଦେଇଥିଲେ । ଛୋଟେ ଲାଲ ସାହୁ ଜିଲ୍ଲା ସଂଯୋଜକ ହବ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ହବ୍ ର କର୍ମକର୍ତା ମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ସରିତା ବାସ ପ୍ରୋଗ୍ରାମ ଅଫିସର କମ୍ ପ୍ରୋଟେକ୍ସନ ଅଫିସର କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଦ୍ୱିଦିବସୀୟ କନିଷ୍ଠ ରେଡକ୍ରସ୍ ଶିବିର ଉଦ୍‌ଯାପିତ

ନୂଆପଡ଼ା,୩୧/୧:ନୂଆପଡା ସବର ମହକୁମା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦୁଇ ଦିନିଆ କନିଷ୍ଠ ରେଡକ୍ରସ୍ ଶିବିର ଆଜି ଉଦଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ନୂଆପଡ଼ା ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଶୃଙ୍ଖଳିତ ହୋଇ ନିଜ ଭିତରେ ସେବା ମନୋଭାବ ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ରେଡ୍‌କ୍ରସ ପାଣ୍ଡିଚେରୀ ଆହୁରି ମଜବୁତ କରିବା ପାଇଁ ଛୋଟ ଛୋଟ ଦାନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବରେ ନେସନାଲ କଲେଜ ପ୍ରାଚାର୍ଯ୍ୟ ଅଧ୍ୟକ୍ଷ ତଥା ଜିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଶିବ ପ୍ରସାଦ ବେହେରା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରେଡକ୍ରସ୍ ଚିନ୍ତାଧାରାରେ ଉବବୁଦ୍ଧ ହୋଇ ମାନବ ସେବା କରିବା ପାଇଁ ବାର୍ତ୍ତା ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ଡ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଜ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରତନ ସିଂହ ବାରିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ, ନେସନାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋଲାପ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ସମାରୋହରେ ଜିଲ୍ଲାପାଳଙ୍କ ପ୍ରେରିତ ଉଦ୍ବୋଧନ ବାର୍ତ୍ତା ପଠନ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଅତିଥିମାନେ ରେଡକ୍ରସର ମହତ୍ୱ ବୁଝାଇବା ସହିତ ସେବା ମନୋଭାବ ଉତ୍ପନ୍ନ କରି ସମାଜରେ ଜଣେ ଜଣେ ଉତମ ନାଗରିକ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କୁଷ୍ଠ ନିରାକରଣ ଦିବସ ଉପଲକ୍ଷେ ସମସ୍ତେ କୁଷ୍ଠ ନିରାକରଣ ପାଇଁ ଶପଥ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ୯୮ ଅର ରକ୍ତଦାନ କରିଥିବା ଶିକ୍ଷକ ତଥା ରକ୍ତଦାତା ଜିଶୋର କୁମାର ପରିଡ଼ାଙ୍କୁ ସମ୍ମାନିତ କରା ଯାଇଥିଲା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ୨୦ ଜଣ ରକ୍ତଦାତାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଏବଂ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ବିଶ୍ୱାଳ ମଂଚ ପରିଚାଳନା କରିଥିଲେ ।

ଝାଡ଼ାବାନ୍ତିରେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ୪୦ରୁ ଅଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ

ରାୟଗଡା,୩୧/୧(ନି/ପ୍ର): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଚାଟିକଣା ପଂଚାୟତ ବାରିଗୁଡା ଗ୍ରାମରେ ଥିବା ନଳିନୀ ବିଦ୍ୟାମନ୍ଦିରରେ ପାଠ ପଢୁଥିବା ୪ର୍ଥ ଶ୍ରେଣୀ ଛାତ୍ରୀ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଷମକଟକ ଘୋଷୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି ଓ ଛାତ୍ରୀ ଜଣଙ୍କ ହେଲେ ଲଗ୍ନା ଭରଲାକା (୧୦) । ଗତକାଲି ବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଆଜି ସକାଳେ ଛାତ୍ରୀ ଜଣଙ୍କ ମୃତ୍ୟୁବରଣ କରିଛନ୍ତିଓ ବିଷମ କଟକ ଘୋଷୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୦ ରୁ ଅଧିକ ଛାତ୍ରଛାତ୍ରୀ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି ଓ ଜେଉଁ କାରଣରୁ ଛାତ୍ରଛାତ୍ରୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ ସୂଚନା ମିଳିପାରୁନଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଜୈଶିସି ସ୍ପଷ୍ଟ ପ୍ରତିକ୍ରିୟା ରଖି ନାହାନ୍ତି । ବିଳମ୍ବିତ ରାତ୍ରିରେ ଏତେ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ବିଷମକଟକ ସି ଏଚ ସିରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

ବାଲ୍ୟ ବିବାହ ନିରୋଧ ଓ କନ୍ୟା ସନ୍ତାନ ସଚେତନତା ଶୋଭାଯାତ୍ରା

ସମ୍ବଲପୁର,୩୧/୧(ନି/ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସାଇକଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଭାର ୨ୟକ୍ରମକୁ ପ୍ରୋଗ୍ରାମ ଅଫିସର କମ୍ ପ୍ରୋଟେକ୍ସନ ଅଫିସର ସରିତା ବାସ ସାଂଗଠାନିକ ଭାବରେ ଉଦଘାଟନ କରିଥିଲେ । ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ସଚେତନ କରାଇବା ସହ ଉତ୍ସାହିତ କରିଥିଲେ । ଉକ୍ତ ରାଲିରେ ବାଲ୍ୟ ବିବାହ ନିରୋଧ ଓ କନ୍ୟା ସନ୍ତାନକୁ ନେଇ ସ୍ଲୋଗାନ ଦିଆଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଉକ୍ତ ଶୋଭାଯାତ୍ରା ଜିଲ୍ଲାସ୍କୁଲ ରୁ ଆରମ୍ଭ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ସମାପ୍ତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଛୋଟେଲାଲ ସାହୁ ଓ ଏଚେ.ଏଚ.ଆଳ୍ପନ ର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ . ପରିଚାଳନା କରିଥିଲେ । ଅନନ୍ୟା ନାୟକ, ବଦଲି ପ୍ରଧାନ, ବିଭୂତି ପାଣିଗ୍ରାହୀ, ଶଶାଙ୍କ ଗାଗ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସାହଯୋଗ କରିଥିଲେ

ଝାରସୁଗୁଡ଼ା ଜିଲ୍ଲା ଉପ-ନିବନ୍ଧକ ଭାବେ ସୁମନ ନାଏକଙ୍କ କାର୍ଯ୍ୟଭାର ଗ୍ରହଣ

ଝାରସୁଗୁଡ଼ା,୩୧/୧(ନି/ପ୍ର):ଜିଲ୍ଲା ଉପ-ନିବନ୍ଧକ ତଥା ବିବାହ ପଞ୍ଜିକରଣ ଅଧିକାରୀ ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁମନ ନାଏକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ୨୦୨୨ ବ୍ୟାଚ୍‌ର ଏହି ବଖ୍ର ପ୍ରଶାସକ ଗତ ୨୧ ଜାନୁୟାରୀ ୨୦୨୬ ରିଖରେ ଆନୁଷ୍ଠାନିକ ଭାବେ ନିଜର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଶ୍ରୀ ନାଏକ କହିଛନ୍ତି ଯେ, 'ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଜିଲ୍ଲା ଉପ-ନିବନ୍ଧକ କାର୍ଯ୍ୟାଳୟ ସହିତ ଜଡ଼ିତ ବିଭିନ୍ନ ସରକାରୀ ସେବା, ଜମି ପଞ୍ଜିକରଣ ଏବଂ ବିବାହ ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ମୋର ପ୍ରାଥମିକତା ରହିବ । ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଶୀଘ୍ର ସେବା ପାଇପାରିବେ, ସେଥିପାଇଁ ମୁଁ ନିଷ୍ଠାର ସହ କାର୍ଯ୍ୟ କରିବି ।'ସୂଚନା ଅନୁସାରେ, ଶ୍ରୀ ନାଏକ ବଲାଙ୍ଗୀର ଜିଲ୍ଲା ଙ୍କଟାବାଞ୍ଜିର ମୂଳ ନିବାସୀ । ସେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଜଣେ ମେଧାବୀ ଛାତ୍ର ଭାବେ ନିଜର ଶିକ୍ଷା ସମାପ୍ତ କରିବା ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ପାଇଥିଲେ ।ଏହି ଯୋଗଦାନ ପରେ ଜିଲ୍ଲା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ।

ମକା କୁଇଟାଂଲ ୨ ହଜାର ଟଙ୍କା ବିକିଲେ ଚାଷୀ

ଝରିଗାଁ,୩୧/୧(ନି.ପ୍ର):ନବରଙ୍ଗପୁରଜିଲ୍ଲା ବ୍ଲକ କୁଡ଼ିଛାପର ପଚାଂୟତ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତେଷ୍ଟାରେ କୁଇଟାଂଲ ପିଛା ଦୁଇ ହଜାର ଟଙ୍କାରେ ଚାଷୀଙ୍କ ଠାରୁ ମକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ପ୍ରଶାସନ ପକ୍ଷରୁ ମକା କିଣିବା ସମୟରେ ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ, ଘୋଷୀ ଜନ୍ମୟନ ଅଧିକାରୀ ମଧୁସୂଦନ ମାଝୀ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବିଶୋୟୀ, କୁଡ଼ିଛାପର ସରପଂଚ ବୃନ୍ଦି ଯାତ୍ରା, ଏସ୍‌ଆଇ ଲକ୍ଷ୍ମୀକାନ୍ତ ବୋରା, ସମିତି ସଭ୍ୟ ଚମ୍ବୁରୀସ ପଟନା, ବରିଷ୍ଠ ଚାଷୀ ପ୍ରଫୁଲ୍ଲ ପାଣ୍ଡେ, ଉଦୟ ନାୟକ, ଧାନଙ୍ଗି ଗୌଡ଼, ଚିତେନ ଗୌଡ଼, ବିନୋଦ ଜୁଲଦୀପ, ସୁଧୀର ଦଳାର ପ୍ରମୁଖ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ପୂର୍ବତନ ସାଂସଦ ପ୍ରତାପ ମାଝୀ ଝରିଗାଁ ବ୍ଲକରେ ଚାଷୀଙ୍କ ମକା ଉଚିତ ମୂଲ୍ୟରେ କିଣା ଆରମ୍ଭ ହେବା ପରେ ଜିଲ୍ଲା ପ୍ରଶାସନ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସ୍ଥାନୀୟ ମକା ଆଭାବୀ ବିକ୍ରିର ଶିକାର ନହୋଇ ପ୍ରଶାସନ ପକ୍ଷରୁ କିଣା ଯାଇଥିବା ସ୍ଥାନରେ ମକା ବିକ୍ରି କରିବା ପାଇଁ ସେ ଅନୁରୋଧ କରିଥିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜଣେ ଚାଷୀଙ୍କ ଠାରୁ ୫୦ କୁଇଟାଂଲ ମକା କିଣାଯାଇଛି । ସୂଚନାଯୋଗ୍ୟ, ଝରିଗାଁ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଟଂଳ ହୋଇଥିବାରୁ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଏହି ଅଟଂଳର ବହୁ ଚାଷୀ ମକା ଚାଷ କରିଥାନ୍ତି । ଚଳିତ ବର୍ଷ ମକାର ଅଭାବ ବିକ୍ରି ଯୋଗୁଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଗତବର୍ଷ ତୁଳନାରେ ଚଳିତ ବର୍ଷ ମକା ଦର ଢେର କମିଯିବା ପରେ ବହୁ ହରଣାଣ ହୋଇଥିଲେ । ଗତବର୍ଷ ଚାଷୀମାନେ ମକା କୁଇଟାଂଲ ପିଛା ୨୩ଶହ ଟଙ୍କାରେ ବିକ୍ରି ହୋଇ ଥିବା ବେଳେ ଚଳିତ ବର୍ଷ ମକା ମାତ୍ର ୧୭ ଶହ ଟଙ୍କା ରହିଥିବା ମକା ଚାଷୀ ଅଭିଯୋଗ କରିଥିଲେ । କୁଇଟାଂଲ ପିଛା ପ୍ରାୟ ୬ଶହ ଟଙ୍କା ମକା ଚାଷୀଙ୍କୁ କ୍ଷତି ସହିବା ପାଇଁ ପଡୁଥିଲା । ଶେଷରେ ଝରିଗାଁ ବ୍ଲକ କୃଷକ ମହାସଂଘ ପକ୍ଷରୁ ପ୍ରଶାସନ ପକ୍ଷରୁ ଉଚିତ ମୂଲ୍ୟରେ ମକା କ୍ରୟ କରିବା ପାଇଁ ଦାବି କରିବା ସହ ସମୟ ଦିଆଯାଇଥିଲା । ସମୟ ସୀମା ମଧ୍ୟରେ ପ୍ରଶାସନ ପକ୍ଷରୁ ଉଚିତ ମୂଲ୍ୟରେ ମକା ବିକ୍ରି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନଯିବା ଯୋଗୁଁ ତିନି ଦିନ ଧରି ଝରିଗାଁ ବ୍ଲକ ସହ ଉମରକୋଟ ଓ ରାଇପର ବ୍ଲକ କୃଷକ ମହାସଂଘ ପକ୍ଷରୁ ଆନ୍ଦୋଳନ ହୋଇଥିଲା । ଶେଷରେ ଜିଲ୍ଲା ପ୍ରଶାସନ ଓ ତିନୋଟି ବ୍ଲକର ବରିଷ୍ଠ କୃଷକ ମାନଙ୍କ ସହ ଆଲୋଚନା ହୋଇ ଖୁଟେଲ ପିଛା ଦୁଇ ହଜାର ଟଙ୍କାର ମକା କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା ।

ରସୁଲପୁର ବ୍ଲକ ସମ୍ମୁଖ ରାସ୍ତା ମରାମତି ଦାବିରେ ଗଣଧାରଣା

ଧର୍ମଶାଳା, ୩୧/୧(ନି/ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ଯଂଯୋଗ କରୁଥିବା ୧୬ ନଂ ଜାତୀୟ ରାଜପଥ ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି । ଫଳରେ ଏହି ଜାତୀୟ ରାଜପଥ ଠାରୁ ବ୍ଲକ କାର୍ଯ୍ୟାଳୟ ରାସ୍ତା ଖଲଖମାରେ ଭର୍ତ୍ତି ହୋଇଛି । ଫଳରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକକୁ ଆସୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏମାନେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିଦ୍ରତରେ ଅଭିଯୋଗ କଲେ କିଛି ସୁଫଳ ନ ମିଳିବାରୁ ଆଜି ବ୍ଲକ କାର୍ଯ୍ୟାଳୟ ଆଗରେ ଯାଜପୁର ଜିଲା ଜୁଆଖିଆ ଅଂଚଳର ସଚେତନ ନାଗରିକ ମଂଚ ପକ୍ଷରୁ ଗଣଧାରଣା ଦିଆଯାଇଛି ।

ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର ଉଦ୍‌ଯାପିତ

ଭଦ୍ରକ,୩୧/୧(ନି/ପ୍ର): ଭଦ୍ରକ ଚରମ୍ପାସ୍ଥିତ ଆରସିବିଏଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନ ବ୍ୟାପି ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଉଦ୍‌ଯାପିତ ହୋଇ ଯାଇଅଛି । ଏହି ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା ପ୍ରାଥମିକ ଚିକିତ୍ସା, ଜଳବାୟୁ ପରିବର୍ତନ, ଅଗ୍ନି ନିରାପତା, ରକ୍ତଦାନ, ଏଡ଼ସ ସଚେତନତା ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀ ସଡ଼କ ସୁରକ୍ଷା ସମ୍ବନ୍ଧରେ ଓ ଅଗ୍ନି ନିରାପତା ସେବା ଅଧିକାରୀ ଗଣ ଅଗ୍ନି ନିରାପତା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସାଧନ କର୍ମୀ ଭାଗବତ ସୂତାର, ତରଣୀସେନ ଦେବତା, ସୁଶାନ୍ତ ବିଶ୍ୱାଳ, ମହେଶ୍ୱର ରାଉତ୍, ଅଜୟ ମହାରଣା, ଲିଜା ଦାସ, ଲିଲିରାଣୀ ନାୟକ, ଦେବାଶିଷ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ମଲ୍ଲିକ, ବୁଦିନା ଖାତୁନ, ଅରୁଣ ବାରିକ, ମାନସ ରଞ୍ଜନ ମିଶ୍ର ପ୍ରମୁଖ ଶିବିରରେ ସର୍ବଧର୍ମ ପ୍ରାର୍ଥନା, ଯୋଗ ପ୍ରାଣାୟାମ, ବ୍ୟାୟାମ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଇତ୍ୟାଦି ପରିଚାଳନା କରିଥିଲେ । ବିଭିନ୍ନ ବିଭାଗ ଯଥା କୁଇଜ୍, ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ପ୍ରାଥମିକ ଚିକିତ୍ସା, ପ୍ରଦର୍ଶନୀ ଇତ୍ୟାଦିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରଦର୍ଶନୀ ଇତ୍ୟାଦିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକଶତ ଏଗାରଟି ବିଦ୍ୟାଳୟରୁ ସାତଶହ ତିନିଜଣ ଶିବିରାର୍ଥ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜା ସ୍ତରୀୟ ଶିବିରରେ ଫେବୃୟାରୀ ୯ ତାରିଖରେ ୟୁନିଟ ୧ ବିଦ୍ୟାଳୟରେ ଯୋଗଦାନ କରିବେ । ବିଭିନ୍ନ ପ୍ରତିଯୋଗିତାରେ ନୃସିଂହ ଚରଣ ସାହୁ, ବସନ୍ତ କୁମାର ଲେଙ୍କା, ଖରେଶ୍ୱର ଜେନା, ମଦନ ମୋହନ ପାଣିଗ୍ରାହୀ, ବିପ୍ତିମୟୀ ସାହୁ, ଜିତେନ୍ଦ୍ର ମିଶ୍ର ବିଚାରକ ଭାବରେ ଯୋଗଦାନ କରିଥିଲେ । ଏହି ଶିବିରକୁ ଭଦ୍ରକ ଜିଲ୍ଲାପାଳ ବିଜୀତ ରାଉତରାୟ ପରିଦର୍ଶନ କରି ଛାତ୍ରଛାତ

ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଧାରଣା ସ୍ଥାନରେ ଇଏସ୍‌ଆଇସି ଆଞ୍ଚଳିକ କମିଟି ସଦସ୍ୟଙ୍କ ଉଦବୋଧନ

ରାଉରକେଲା,୩୧/୧(ନି/ପ୍ର): ୩୦ ତାରିଖ ଶୁକ୍ରବାର ସନ୍ଧ୍ୟା ୫ଟା ୩୦ ସମୟରେ ରାଉରକେଲାର ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ସ୍ଥାପନା ଦାବିନେଇ ଜାନୁଆରୀ ୫ ତାରିଖ ଠାରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ସ୍ଥଳରେ ଇଏସ୍‌ଆଇସି ଆଞ୍ଚଳିକ କମିଟିର ସଦସ୍ୟ ବିରଜା ଜିଙ୍କର ନାୟକ ପଙ୍କଜି ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ନଜରି ଇଏସ୍‌ଆଇସି କୁଆଦିଲ୍ଲୀ ସ୍ଥିତ ହେଡ୍‌କ୍ୱାଟର ଅଧିକାରୀ ରାଉରକେଲା ପ୍ରତି ବୈମାତୃକ ମନୋବୃତ୍ତି ବିଲୁପ୍ତରେ ହିନ୍ଦ୍ ମଜଦୁର ସଭା ତରଫରୁ ଉଚ୍ଚତମ ନ୍ୟାୟାଳୟରେ ଏକ ମାମଲା ଦାୟର କରାଯିବ ବୋଲି ଘୋଷଣା କରିଥିଲେ । ଏଠାରେ ସୁରକ୍ଷସୋପ୍ୟ, ଯେ ଇଏସ୍‌ଆଇସିର ୮୨, ୮୩, ୮୪ ଏବଂ ୮୫ଟମ ଆଞ୍ଚଳିକ ବୋର୍ଡ ବୈଠକରେ ସର୍ବସମ୍ମତି କ୍ରମେ ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ସ୍ଥାପନ ପାଇଁ ସ୍ଥିର କରାଯାଇ ହେଡ୍‌କ୍ୱାଟରର ସମ୍ମତି ପାଇଁ ପଠାଇାଇଥିଲେ ମଧ୍ୟ ହେଡ୍‌କ୍ୱାଟର ମନମୁଖୀଭାବେ ରାଉରକେଲା ଠାରେ ୨୦୦୩ ମଇ ମାସ ୧ ତାରିଖରେ ଆରମ୍ଭ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇସି ମଡେଲ ହସ୍ପିଟାଲର ଶଯ୍ୟା ସଂଖ୍ୟା ନ ବଢ଼ାଇ ବିଭିନ୍ନ ଆଳ ଦେଖାଇ ଅକ୍ଟୋବର ୨୦୨୩ରେ ସମଗ୍ର ଦେଶରେ ଯେତେବେଳେ ଇଏସ୍‌ଆଇସି ୫୦ ଶଯ୍ୟାର ସମସ୍ତ ହସ୍ପିଟାଲ ଶଯ୍ୟା ଅକ୍ୟୁପେନ୍ସି ଠାରୁ ସର୍ବାଗ୍ରେ ଥିଲା ସେତେବେଳେ ହଠାତ୍ ଏହି ହସ୍ପିଟାଲରେ ପ୍ରତି ବିଭାଗର ସିନିୟର ସାଜୁନ ସ୍ପେଶାଲିଷ୍ଟ ଡାକ୍ତରମାନଙ୍କୁ ଅନ୍ୟତ୍ର ବଦଳି କରି ହସ୍ପିଟାଲକୁ ଡାକ୍ତର ଶୂନ୍ୟ କରି ୮୦ ପ୍ରତିଶତ ଶଯ୍ୟା ଅକ୍ୟୁପାନ୍ସି ବାହାନା କରି, ଏହି ମଡେଲ ହସ୍ପିଟାଲ ସହ ଆରମ୍ଭ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ ବର୍ତ୍ତମାନ ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟରେ ପରିଣତ ହୋଇଛି । ଯଦି ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ନ ହୋଇପାରିଛି, ଏଥିପାଇଁ ହେଡ୍‌କ୍ୱାଟର ଦାୟୀ । ଏଣୁ ହିନ୍ଦ ମଜଦୁର ସଭା ସିଧାସଳଖ ରାଉରକେଲାରେ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ସ୍ଥାପନ ପାଇଁ ଉଚ୍ଚତମ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିବ ବୋଲି ଶ୍ରୀ ନାୟକ ଘୋଷଣା କରିଥିଲେ । ଇଏସ୍‌ଆଇସିର ଏହି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ହେଲେ ରାଉରକେଲା ଓ ସୁନ୍ଦରଗଡ଼ ସମେତ ଆଖପାଖର ସମସ୍ତ ଜନସାଧାରଣ ସମେତ ଝାଡଖଣ୍ଡର ଟାଟା, ରାଜସ୍ଥାନର ଅଲୱାର ଓ କର୍ଣ୍ଣାଟକର ଗୁଲ୍‌ବର୍ଗ ସ୍ଥିତ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରୁ ପାଉଥିବା ସୁବିଧା ମଧ୍ୟ ଏଠାରେ ମିଳିପାରିବ । ରାଉରକେଲାରୁ ୨୦ରୁ ୨୫ହଜାର ଟଙ୍କା ଖର୍ଚ୍ଚ କରି ଜୀବନ ବଚାଂଇବାକୁ ଯେଉଁ ୪୦୦କିଲୋମିଟର ଦୂର ଉଚ୍ଚତ- ଭୁବନେଶ୍ୱର ଯିବାକୁ ପଡୁଥିଲା ବେଳେ, ଯିବା ବାଟରେ ଅନେକ ବାଟରେ ମୃତ୍ୟୁ ମୁଖରେ ପଡୁଛନ୍ତି । ତାହାର ଅଳ୍ପ ଘଟିବ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି ।

ଅନ୍ୱେଷା ପକ୍ଷରୁ ୧୨୧ତମ ମାଗଣା ହାଟ ଓ କମ୍ବଳ ବଣ୍ଟନ

ରାଉରକେଲା ୩୧/୧(ନି/ପ୍ର): ସହରର ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ସେକ୍ଟର-୨୧ ସ୍ଥିତ କୃଷ୍ଣ କଲୋନୀ ରାଧାକୃଷ୍ଣ ବସ୍ତି ଠାରେ ୧୨୧ତମ ମାଗଣା ହାଟ ଓ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୱେଷାର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ଜର୍ଣ୍ଣାଲିଷ୍ଟସ୍ ଆସୋସିଏସନର ଉପସଭାପତି ତଥା ଜଳି ଭୁଜନ୍ତହିରୀ ରାଉତ, ଶିକ୍ଷାବିତ ସ୍ରେସ୍ରୀ ଦେଭିଡ, କବୟିତ୍ରୀ ସର୍ମିତା ପ୍ରଧାନ, ସମାଜସେବୀ ମୀନୋ ଆନ୍ନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଗାନ୍ଧୀଜୀଙ୍କ ତିରୋଧାନ ଦିବସ ଓ ରାଧାକୃଷ୍ଣ ବସ୍ତିର ଜଣେ ମୁରବି ପୂର୍ଣ୍ଣ ପୋଡଙ୍କ ବିୟୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ରଞ୍ଜନ କୁମାର ସାହୁ ଓ ବସ୍ତିର ସନ୍ତୋଷ ମାଝୀ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଜ୍ଞାକୁ ବାଗ୍, ଧାର୍ଣ୍ଣ ବାଗ୍, ସୂର୍ଯ୍ୟ ମେହେର, ଉଲ୍ଲାସ ସାହୁ, ରାଜୁ ସାହୁ, ବେଦ ମହାଭୂତ ପ୍ରମୁଖଙ୍କ ସମେତ ଶତାଧିକ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ ।

ଔଦ୍ୟୋଗିକ ସୁରକ୍ଷା-ଦକ୍ଷ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ପରୀକ୍ଷଣ ପ୍ରକ୍ରିୟା

ରାଉରକେଲା,୩୧/୧(ନି/ପ୍ର): ରାଜ୍ୟର ଔଦ୍ୟୋଗିକ କ୍ଷେତ୍ରରେ ସୁରକ୍ଷିତ, ସୁସଂଗଠିତ ଏବଂ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସ୍ଥାପନ ସହ ଶ୍ରମିକଙ୍କ ଜଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଦିଗରେ କାରଖାନା ଏବଂ ବାଷ୍ପାତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ସୁସ୍ଥିର, ସୁଯୋଜିତ ସ୍ପ ଲଗାତାର ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଲକ୍ଷ୍ୟ ପୂରଣରେ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅନୁମୋଦନକ୍ରମେ କାରଖାନା ଅଧିକାରୀମାନଙ୍କ ପାଇଁ ବିଭିନ୍ନ ବିଷୟନିର୍ଦ୍ଦିଷ୍ଟ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଉଛି । ଏହି ସୁରକ୍ଷ ରକ୍ଷାମୂଳକ ପ୍ରୟାସର ଅନୁକ୍ରମରେ, ଗତ ତା ୩୦.୦୧ ୨୦୨୬ ତାରିଖରେ ରାଜ୍ୟ ଶ୍ରମ ସଂସ୍ଥାନର ସହଯୋଗ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟସ୍ଥିତ ଲ ଲଙ୍ଗିଂ ଏବଂ ଡିଭେଲପମେଂଟ ସେଂଟରରେ, 'ଔଦ୍ୟୋଗିକ ସୁରକ୍ଷା ଦକ୍ଷ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ପରୀକ୍ଷଣ ପ୍ରକ୍ରିୟା' ବିଷୟରେ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସଂଫଳତାର ସହିତ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦକ୍ଷ ବ୍ୟକ୍ତିଙ୍କ ମାଧ୍ୟମରେ ଔଦ୍ୟୋଗିକ ପରୀକ୍ଷଣ ପ୍ରକ୍ରିୟାକୁ ଗଢ଼ି ଉଠାଇ ଦୁର୍ଘଟଣା ହ୍ରାସ ଓ କାର୍ଯ୍ୟସୁଲଭ ସୁରକ୍ଷା ସୁନିଶ୍ଚିତ କରିବା । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ତାହାର ସଂଲଗ୍ନ ଇଉନିଟ୍ ଗୁଡିକର ଯୋଗ୍ୟ/ଦକ୍ଷ ଅଧିକାରୀମାନେ, ବିଭାଗୀୟ ଅଧିକାରୀମାନେ, ବିଭାଗୀୟ ପ୍ରଧାନମାନେ ଏବଂ ସୁରକ୍ଷା ଅଧିକାରୀମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଂଶଗ୍ରାହୀ ଭାବେ ଉପସ୍ଥିତ ଥିଲେ । ଉଦ୍ଘାଟନ ସଭାରେ ମୁଖ୍ୟ ଅତିଥି ଭାବେ କାରଖାନା ଏବଂ ବାଷ୍ପାତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ (ଆଇ ଆଇଏଏସ୍ ୧) ଉପସ୍ଥିତ ଥିଲେ, ଏବଂ ସମ୍ମାନିତ ଅତିଥିମାନେ ଭାବେ କାରଖାନା ଏବଂ ବାଷ୍ପାତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମନୟ କୁମାର ପ୍ରଧାନ, କାରଖାନା ଏବଂ ବାଷ୍ପାତ୍ର ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ନନ୍ଦ, ଶ୍ରୀ ବିଶ୍ୱ ରଞ୍ଜନ ପଲ୍ଲେଇ କାର୍ଯ୍ୟନିର୍ବାହୀ ଚାଇରେକ୍ଟର (ଷ୍ଟର୍ଲ୍), ଏସଏଆଇଏଲ୍ – ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଶ୍ରୀ ବିଭୁ ପ୍ରସାଦ ଉପ-ନିର୍ଦ୍ଦେଶକ (କାରଖାନା ଏବଂ ବାଷ୍ପାତ୍ର ସ୍ୱାତ୍ର ନିର୍ଦ୍ଦେଶାଳୟ), ରାଉରକେଲା ଡିଭିଜନ ମଧ୍ୟ ଉପସ୍ଥିତ ଥିଲେ । କାରଖାନା ଏବଂ ବାଷ୍ପାତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ (ଆଇଏଏସ୍) ତାଙ୍କ ସ୍ୱାଗତପୂର୍ଣ୍ଣ ଉଦ୍ବୋଧନରେ କହିଥିଲେ ଯେ, କାର୍ଯ୍ୟ ଆରମ୍ଭ ପୂର୍ବରୁ ଯନ୍ତ୍ର/ଉପକରଣର ଯଥୋଚିତ ଚଳାଚଳ ଏବଂ ସୁରକ୍ଷା ଯାଚଂ କରାଯିବା ଯିବା ଅତ୍ୟନ୍ତ ଆବଶ୍ୟକ। ଏହି ପରୀକ୍ଷ ରୀକ୍ଷଣ ଆମକୁ ଭବିଷ୍ୟତର ଅସୁବିଧା ଓ ଦୁର୍ଘଟଣା ଘଟିବାକୁ ଅବରୋଧ କରି, କାର୍ଯ୍ୟକ୍ଷେତ୍ରରେ ନିରାପଦ ଓ ସୁଚାରୁ କାର୍ଯ୍ୟପାଳନ ନିଶ୍ଚିତ । କରିଥାଏ । ଶ୍ରୀ ସୁବୀଶ ଚନ୍ଦ୍ର ଗୌ ପଟ୍ଟନାୟକ, ସ୍ୱୀକୃତ ଦକ୍ଷ ବ୍ୟକ୍ତି, ଶ୍ରୀ ନିରଞ୍ଜନ ଦାଶ, ଉପ-ସଭା ସଭାପତି (ସୁରକ୍ଷା) ଟିଆଏସଏଲ୍ ଏଲ୍ ଚ୍ରୋସାକି ରିଫ୍ରାକ୍ଟୋରିଜ୍, ଝାରସୁଗୁଡ଼ା, ଶ୍ରୀ ଗଗନୀପ ଓଝା, ଉପ-ମୁଖ୍ୟ, ଏଚଏସଏଫ୍ ଏବଂ ସଷ୍ଟେନେବିଲିଟି ବେଦାନ ଲିମିଟେଡ୍, ଝାରସୁଗୁଡ଼ା, ଝା ଶ୍ରୀ ବସନ୍ତ କୁମାର ପ୍ରଧାନ, ସ୍ୱୀକୃତ ଦକ୍ଷ ବ୍ୟକ୍ତି ସହ ବିଭି ବିଭିନ୍ନ ବିଭାଗର ସଦସ୍ୟମାନେ ପ୍ରଶିକ୍ଷକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ଭାବରେ ରୂପାୟିତ କରିଥିଲେ । ସେମାନେ ପରୀକ୍ଷଣ ପ୍ରକ୍ରି ପ୍ରକ୍ରିୟାରେ ଆବଶ୍ୟକ ପଦକ୍ଷେପ ବିଷୟରେ ଗଭୀର ଆଲୋଚନା କରିଥିଲେ । ପ୍ରତିଷ୍ଠାନ ପକ୍ଷରୁ ତାଲିମ ପ୍ରାପ୍ତି କରିଥିବା ୫୦ ଜଣ ବିଧିବା ୫୦ ଜଣ ସ୍ୱୀକୃତିପ୍ରାପ୍ତ ଦକ୍ଷ ଅଧିକାରୀଙ୍କୁ ଉପଯାଚନୀ ସନ୍ଧ୍ୟାରେ ପ୍ରମାଣପତ୍ର ବିତରଣ କରାଯାଇଥିଲା ।

ତ୍ରିଦିବସୀୟ ଆଞ୍ଚଳିକସ୍ତରୀୟ ପଲ୍ଲୀଫେଷ୍ଟ ଉଦ୍‌ଯାପିତ

ରାଉରକେଲା,୩୧/୧(ନି/ପ୍ର): ରାଜ୍ୟର ପ୍ରାୟ ୧୯ ଟି ସରକାରୀ ଓ ବେସରକାରୀ ପଲିଟେକନିକ୍ କୁ ନେଇ ଚତୁର୍ଥ ଜୋନ ର ତ୍ରିଦିବସୀୟ ଆଞ୍ଚଳିକ ସ୍ତରୀୟ ପଲ୍ଲୀଫେଷ୍ଟ ୨୦୨୫-୨୬ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଠାରେ ଆୟୋଜିତ ଏହି ତ୍ରୀଦା ଓ ସାଂସ୍କୃତିକ ମହୋତ୍ସବରେ ବିଭିନ୍ନ ପ୍ରତିଷ୍ଠାନର ୮ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ତ୍ରୀଦା ମଧ୍ୟରେ ଜାଭେଲିନ, ସଟପୁଟ, ଡିସକସ୍, ୧୦୦,୨୦୦, ୪୦୦ ମିଟର ଦୌଡ଼, ୫,୧୦୦ ରିଲେ ଦୌଡ, ଉଚ ଡିଆଁ,ଲମ୍ବ ଡିଆଁ, ଛୁଟେଟ, ଫୁଟବଲ, କବାଡି,ଖୋଖୋ, ବ୍ୟାଡମିଣ୍ଟନ, ଭଲିବଲ ଆଦି ପ୍ରତିଯୋଗିତା କରାଯାଇ ଏହି ତ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ସୁଲିଆଇଲ ର ଅଧକ୍ଷ ଙ୍କ ଶତତ କୁମାର ମୁଦୁଲି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏନ୍‌ଆଇଟି ର ପ୍ରଫେସର ସିଦ୍ଧାର୍ଥ ଜେନା ମୁଖ୍ୟଅତିଥି,ସୁଲିଆଇଲ ର ପ୍ରାକ୍ତନ ଅଧକ୍ଷ ପ୍ରତିଡ ବାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ତ୍ରୀଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭାଇଚାରା,ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସହ ସମସ୍ତଙ୍କ ମଧ୍ୟରେ ଐକ୍ୟବଦ୍ଧତା ବଜାୟ ରଖିବାରେ ସହାୟକ ହୁଏ ବୋଲି ମତ ରଖିଥିଲେ । ଅଧକ୍ଷ ଙ୍କ ମୁଦୁଲି ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଡିଏଭି ପଲିଟେକନିକ୍ ର ଅଧକ୍ଷ ଶୈଳକା ଭୂୟାଁ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା, ରେଙ୍ଗାଲି,ଦେବଗଡ, ସୋନପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼,ବୌଦ୍ଧ, ସୁନ୍ଦରଗଡ ଓ ରାଉରକେଲାର ୟୁକିଆଇଲ, ଏସକେଡିଏଲ୍, ସିଆଇଟିଇ, ଆଇଆଇଏଏମ,କେଏସଇଟି କଳାହାଣ୍ଡି,ଡିଆଇଟି ସମ୍ବଲପୁର, ପିକେଏଆଇଇଟି ବରଗଡ଼ ର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଅନିମା ଏହ୍ନା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଶିଶିର କୁମାର ବ ଦେ ଜ , ସ ୌ ମ ୟ ର ଞ୍ଜ ନ ମିଶ୍ର,କାନନିକା ନାୟକ,ବୀପକ ରଞ୍ଜନ ପଟ୍ଟନାୟକ,ସୁବାସିନୀ ଜେନା,ଯୟତେବୁ କେଶରୀ ରାଉ, ମୌ ।ସୁମୀ ସୁବୁଦ୍ଧି, ରଣ୍ଜିତା ସେନାପତି, ଡିଏଭି ର ସୁରଣିକା ସୁନ୍ଦରରାୟ, ହିମାଂଶୁ ଭୂଷଣ ବେହେରା, ବନିତା ମହାରଣା, ମନୁଷ୍ୟ ପୃଷ୍ଟି ,ସୁଶ୍ରୀତା ବାର୍ଲା, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ସ୍ୱତନ୍ତ୍ର ଅତିଥି ଶୈଳକା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

ପୁସ୍ତକ ଅନାବରଣ ଓ ଆଲୋଚନାଚକ୍ର



ରାଉରକେଲା,୩୧/୧(ନି/ପ୍ର): ସ୍ପନ୍ଦି ସାହିତ୍ୟ ସଂସଦ ରାଉରକେଲା ତରଫରୁ ସ୍ୱତନ୍ତ୍ର ସାରସ୍ୱତ ସଭା, ବହୁ ମିଳନ, ପୁସ୍ତକ ଅନାବରଣ ତଥା ଆଲୋଚନାଚକ୍ର କ୍ଷେତ୍ର ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧକ୍ଷତା ଓ କବି ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ରାଜୀବ ପାଣି ଙ୍କ ପ୍ରବନ୍ଧ ସଙ୍କଳନ ପ୍ରବନ୍ଧ ପ୍ରମୁର୍ଦ୍ଧିକୁ ଅତିଥି ମାନେ ଅନାବରଣ କରିଥିଲେ ।ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ପୁସ୍ତକର କବିତା ଗୁଡ଼ିକର ସମୀକ୍ଷକ ଭାବେ ଡ ଅଶ୍ୱିନୀ କୁମାର ରାୟ ଓ ପ୍ରବନ୍ଧ ଗୁଡ଼ିକର ସମୀକ୍ଷକ ଭାବେ ଗାଳ୍ପିକା ମୋନାଲିସା ମିଶ୍ର ଯୋଗ ଦେଇ ଆଲୋଚନା କରିଥିଲେ । ସ୍ୱତନ୍ତ୍ର ଅତିଥି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ସର୍ଜନ ସୃଷ୍ଟି କରିନଥାଏ,ଅନ୍ୟକୁ ସେ ପ୍ରେରିତ କରିଥାଏ । କବି ଶ୍ରୀ ପାଣି ପୁସ୍ତକ ସମ୍ପର୍କରେ ମତ ରଖି କହିଲେ ଯେ ସାହିତ୍ୟ ଏକ ସାଧନା । ସଫଳତା ଚିରସ୍ଥାୟୀ ନୁହେଁ। ସାହିତ୍ୟ ମୋ ପାଇଁ ଅଳଙ୍କାର ନୁହେଁ ଆତ୍ମାର ଆଳାପ। ସବୁକିଛି ଧରି ରଖିବା ପାଇଁ ଜୀବନ ଖାଲି ଶିଖାଇନି ଛାତିରା ବି ଶିଖାଇଛି । ଜୀବନ ହେଉଛି ନୀରବ ସୃଜନର ଯାତ୍ରା । ନୀରବତା କୁ ସହିବାଟା ବାଣୀନିକତା । ସୁଖ ରଙ୍ଗ ଦିଏ, ଦୁଃଖ ରଙ୍ଗିରତା ଦିଏ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ଶିକ୍ଷାବିତ ଶର୍ମିଷ୍ଠା କଣ୍ଡିଶତପଥୀ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପକ ବନ୍ଧୁଣାଙ୍କର ପାଞ୍ଚଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କବି ରାଜୀବ ପାଣିଙ୍କ ସ୍ୱନଷ୍ଠତ୍ର ବିବସ ଉପଲକ୍ଷେ ବହୁ ସାହିତ୍ୟିକ,କବି, ସଂଗଠକ,ବହୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପହାର ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଜୟପୁର ,୩୧/ ୧ :ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ବନ ବିଭାଗ ଜୟପୁର ବନଖଣ୍ଡ ଓ ଓଡ଼ିଶା ଜୈବ ବିବିଧତା ବୋର୍ଡ ର ମିଳିତ ଆନୁକୂଲ୍ୟରେ ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଏକ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଅଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୧୭ ଗୋଟି ବିଏମସିର ୧୨୮ ଜଣ ସଦସ୍ୟ, ୨୪ ଜଣ ବନ ଅଧିକାରୀ ଏବଂ ୧୧ ଜଣ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡା. ଶୁଭ୍ରାଂଶୁ ନାୟକ, ସଂଯୋଜକ, ଓଡ଼ିଶା ଜୈବ ବିବିଧତା ବୋର